## ମହାବୀର କପ୍ କ୍ରିକେଟ୍ ଉଦ୍‌ଯାପିତ



**ସୁକିନ୍ଦା, ୧୮ ।୨(ସମିସ):** ସୁକିନ୍ଦା ବ୍ଲକ ଦୁଧୁଯୋରୀ ଗ୍ରାମପଞ୍ଚାୟତର ବଉଳପାଳ ଠାରେ ମହାବୀର କ୍ରିକେଟ୍ କପ୍ ଉଦ୍‌ଯାପିତ ହୋଇଯାଇଛି । ସପ୍ତାହ ପୂର୍ବରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇଯାଇଛି । ମହାବୀର କ୍ରିକେଟ୍ କ୍ଲବ୍ ବଉଳପାଳ ଟସ୍ ଜିତ ବ୍ୟାଟିଂ କରି ୨୦ ଓଭରରେ ଅଲ୍‌ଆଉଟ ହୋଇ ୧୨୨ ରନ କରିଥିଲା । ଜବାବରେ ମଙ୍ଗରାଜପୁର ୧୧୯ ରନ୍ କରି ପରାଜୟ ବରଣ କରିଛି । ଏହି ଟୁର୍ନାମେଣ୍ଟରେ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ସ୍ୱରାଜ ବାରିକ, ମ୍ୟାନ ଅଫ୍ ଦି ସିରିଜ ବିଜୟ ନାଏକଙ୍କୁ ପ୍ରଦାନ କରାଯାଇଛି । ରନର୍ସ ଅପ୍ ମଙ୍ଗରାଜପୁର ଏବଂ ଚାମ୍ପିଅନ୍ ମହାବୀର ସ୍ପୋର୍ଟି ବଉଳପାଳକୁ ପୁରସ୍କୃତ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟରମୁଖ୍ୟ ଅତିଥି ଭାବେ ଯୋଗ ସୁକିନ୍ଦାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ ଯୋଗ ଦେଇଥିବାବେଳେ ଭାଷ୍ୟକାର ଭାବେ ସେକ୍ କାସିମ ଏବଂ ମୃତ୍ୟୁଞ୍ଜୟ ବାରିକ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ବ୍ଲକ ଉପାଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ସ୍ୱାଧୀନ ଦାସ, ସୋମନାଥ କାନୁନ୍‌ଗୋ, ପ୍ରତିମା ଚକ୍ର, ବାନ୍ଧଗାଁ ସଭାପତି ଦୁଃଶାସନ ମହାନ୍ତ, ପୂର୍ବତନ ସରପଞ୍ଚ ସୁକାନ୍ତ ନାୟକ ପ୍ରମୁଖ ଟୁର୍ନାମେଣ୍ଟରେ ଯୋଗ ଦେଇଥିଲେ ।

## କାର୍-ବାଇକ୍ ଧକ୍କା, ୩ ଗୁରୁତର

**ବ୍ରହ୍ମବରଦା, ୧୮ ।୨ (ସମିସ):** ଆଜି ଅପରାହ୍ନରେ ବାଇକ କୁ ଗୋଟେ ଦ୍ରୁତଗାମୀ କାର ଧକ୍କା ଦେବା ଫଳରେ ତିନି ଜଣ ଲୋକ ଗୁରୁତର ହୋଇଛନ୍ତି । ସୂଚନା ଅନୁସାରେ କୁଆଖିଆ ଥାନା ଅନ୍ତର୍ଗତ ଅତଲାପୁର ଗ୍ରାମର ସେକ ନେହାଲଉଦ୍ଦିନ( ୪୨) ତାଙ୍କ ପତ୍ନୀ କୁଲୁସୁମ୍ ବିବି ଓ ଝିଅ ଆୟାନ୍ ସେଖଙ୍କ ସହ ବାଇକ୍ ଯୋଗେ ନିଜ ଶଶୁର ଘର ଅଲତି ଅଭିମୁଖେ ବାରୁଆଁ ବାଲିଚନ୍ଦରପୁର ରାସ୍ତାରେ ଯାଉଥିବା ସମୟରେ ବ୍ରହ୍ମବରଦା ବିଦ୍ୟୁତ୍ ସବ୍ ଷ୍ଟେସନ ନିକଟରେ କୃଷ୍ଣଦାସପୁର ପଟୁ ରଙ୍ଗ ରୁଟରେ ଆସୁଥିବା ଓଡି୦୨- ସି ଏନ ୫୬୪୩ ନମ୍ବର ବିଶିଷ୍ଟ ନୀଳ ରଙ୍ଗର ଏକ ନେକ୍ସନ କାର ଧକ୍କା ଦେବାରୁ ବାଇକ୍‌ରେ ଥିବା ୩ ଜଣ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଘଟଣାସ୍ଥଳରେ ବ୍ରହ୍ମବରଦା ପୁଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରି ଥାନାକୁ ଆଣିଛି ।

## ଦିନ ଦ୍ୱିପ୍ରହରରେ ବାଇକ୍ ଚୋରି

**ସୁକିନ୍ଦା, ୧୮ ।୨(ସମିସ):** ମଙ୍ଗଳବାର ଦିନ ଦ୍ୱିପହରେ ସୁକିନ୍ଦା ଅଞ୍ଚଳରୁ ବାଇକ୍ ଚୋରି ହୋଇଛି । ମୁସଲମାନ ସାହି ଆବାସ ଖାନ୍‌ଙ୍କ ପୁଅ ସୌକତ ଖାନ୍ ମଙ୍ଗଳବାର ମଧ୍ୟାହ୍ନରେ ନିଜ ଘର ସମ୍ମୁଖରେ ବାଇକ୍ ରଖି ଖାଇବା ପାଇଁ ଯାଇଥିଲେ । ଖାଇସାରି ବାହାରକୁ ବାହାରିବା ପରେ ବାଇକ୍ ନଥିବା ଦେଖି ଅନେକ ସ୍ଥାନ ଖୋଜାଖୋଜି କରି ନିରାଶ ହେବାପରେ ଅପରାହ୍ନରେ ସୁକିନ୍ଦା ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଦିନ ଦ୍ୱିପହରେ ଏହି ଚୋରି ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ଗତ କିଛିମାସ ହେବ ସୁକିନ୍ଦା ଅଞ୍ଚଳରେ ଅନେକ ଚୋରି ଘଟଣା ଘଟିଥିଲେ ମଧ୍ୟ ସେଗୁଡିକୁ ଧରିବାରେ ପୁଲିସକୁ ସଫଳତା ମିଳିନଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

## ଲିଙ୍ଗେଶ୍ୱର ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା



**ପାଣିକୋଇଲି, ୧୮ ।୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ସ୍ଥିତ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ୨୦୨୫-୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ବନମାଳୀ ଦାସ, ଉପସଭାପତି ସଦାନନ୍ଦ ସାମଲ, ସମ୍ପାଦକ ଦୈତାରୀ ଧଳ, ସହ ସମ୍ପାଦକ ନିତ୍ୟାନନ୍ଦ ପରିଡ଼ା ଓ କୋଷାଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ପାଲଙ୍କୁ ଚୟନ କରାଯାଇଥିଲା । ଉକ୍ତ କର୍ମକର୍ତା ମାନେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ପୁରାତନ କମିଟିକୁ ବିଦାୟ ସହିତ ନୂତନ କର୍ମକର୍ତା ମାନଙ୍କୁ କମିଟି ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି । ପୂର୍ବକମିଟିର କର୍ମକର୍ତା ସର୍ବଶ୍ରୀ ବିଷ୍ଣୁ ଚରଣ ଧଳ, ଗୋଲକ ମାଝୀ, ବାସୁଦେବ ପରିଡ଼ା, ମଦନ ମୋହନ ମାଝୀ, ବୃନ୍ଦାବନ ସାହୁ, ରମେଶ ସାହ. ପ୍ରତାପ ଧଳ, ଶରତ ଚନ୍ଦ୍ର ଧଳ, ଦାମୋଦର ଧଳ, ଦିଲ୍ଲୀପ ଧଳ, ମାନସ ଧଳ, ଶଙ୍କର୍ଷଣ ପରିଡ଼ା, ଅଶୋକ କୁମାର ସାହୁ, ପ୍ରମୋଦ କୁମାର ସାହୁ, ଭବ ପ୍ରସାଦ ଧଳ, ରାଜ କିଶୋର ମଲ୍ଲିକ, ନିରଞ୍ଜନ ପାଣିଗ୍ରାହୀ, ନିରରଞ୍ଜନ ସେଠୀ ଙ୍କ ସମତେ ସମସ୍ତ ସଦସ୍ୟ ଯୋଗଦେଇଥିଲେ ।

### ଉଦ୍‌ଯାପିତ ହେଲା ବ୍ୟାସ ସରୋବର ମହୋତ୍ସବ

# ଅବ୍ୟବସ୍ଥା: ଷ୍ଟଲ୍ ଫାଙ୍କା; କମିଲେ ଦର୍ଶକ

**ବ୍ୟାସନଗର, ୧୮ ।୨(ସମିସ)**



ବ୍ୟାସନଗର ସହରର ପରିଚୟ ବ୍ୟାସ ସରୋବର । ମହର୍ଷି ବ୍ୟାସଦେବ ଏଠାରେ ମହାଭାରତ ରଚନା କରିଥିବା ବେଳେ ମହାଭାରତ ଯୁଦ୍ଧ ସମୟରେ ଏହି କ୍ଷେତ୍ର ମଧ୍ୟ ମୁକସାକ୍ଷୀ ରହିଥିବା ଶୁଣିବାକୁ ମିଳେ । ତତ୍କାଳୀନ ଯାଜପୁର ଜିଲ୍ଲାପାଳ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଉଦ୍ୟମରେ ୨୦୦୭ରେ ଏହି ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ଏହା ପୂର୍ବରୁ କେବଳ ମେଳାରେ ସୀମିତ ରହିଥିଲା । ତେବେ ଅନେକ ବାଦ ବିବାଦରେ ଚଳିତ ଥର ୧୧ ଦିନ ବ୍ୟାପୀ ଅନୁଷ୍ଠିତ ଏହି ମହୋତ୍ସବ ଆରମ୍ଭ ହୋଇ ଶେଷ ଦିବସରେ ଉପନୀତ ହୋଇଛି । ଚଳିତ ବର୍ଷ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ମନମାନୀ ବିରୋଧରେ କାଉନ୍‌ସିଲରଙ୍କ ଅସହଯୋଗ ପରେ ମହୋତ୍ସବ ଏକପ୍ରକାର ପାଣିଚିଆ ହୋଇଯାଇଥିଲା । ଆଜି ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ସମବାୟ ମନ୍ତ୍ରୀ ଡା. ପ୍ରଦୀପ ବଳ ସାମନ୍ତ, ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଲୋକସଭା ସାଂସଦ ଡ.ରବୀନ୍ଦ୍ର ନାରାୟଣ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ଡୁଡା ବ୍ରଜ ଗୋପାଳ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆକାଶ ନିଜ ବକ୍ତବ୍ୟରେ ବ୍ୟାସନଗରରେ ଅନେକ ସମସ୍ୟା ରହିଥିବା ବେଳେ ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଥିଲେ । ବ୍ୟାସନଗର ସହରର ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ଏକ ରିଙ୍ଗ ରୋଡ଼ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି । ଯାଜପୁର ସାଂସଦ ଶ୍ରୀ ବେହେରା ସହରର ଗରିମା ବୃଦ୍ଧି ପାଇଁ ଡୋଲିପୁର, ଯାଜପୁର ରୋଡ଼ ନାମକୁ ଏକ କରି ବ୍ୟାସନଗର କରିବାକୁ ପରାମର୍ଶ ଦେଇଥିଲେ । ମନ୍ତ୍ରୀ ଡା.ବଳ ସାମନ୍ତ ନିଜ ବକ୍ତବ୍ୟରେ ୨୦୩୬ ସୁଦ୍ଧା ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହେବା ସହିତ ଯାଜପୁର ଏଥିରେ ସର୍ବାଗ୍ରେ ରହିବ ବୋଲି କହିଥିଲେ । ତେବେ ଚଳିତବର୍ଷ ମହୋତ୍ସବ ଆୟୋଜନରେ ଅପରିପକ୍ୱତା ଯୋଗୁଁ ଉତ୍ସବ ସ୍ଥଳରେ ଥିବା ଅନେକ ଷ୍ଟଲ ଖାଲି ରହିଥିଲା । ଦୀର୍ଘ ୧୧ ଦିନ ଧରି ମହୋତ୍ସବ ଆରମ୍ଭ ହୋଇ ଉଦ୍‌ଯାପନୀ ହୋଇଥିଲେ ମଧ୍ୟ ଷ୍ଟଲ୍ ଫାଙ୍କାକୁ ନେଇ ଅନେକ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି । ତେବେ ମହୋତ୍ସବ ଆୟୋଜନରେ ଅଧ୍ୟକ୍ଷାଙ୍କ ମନମାନୀ ଯୋଗୁଁ ଚଳିତ ବର୍ଷର ମହୋତ୍ସବ ଜନଶୂନ୍ୟ ହୋଇଛି । ମହୋତ୍ସବର ବିଭିନ୍ନ ଦିନରେ ନିମନ୍ତ୍ରିତ ଅତିଥିମାନଙ୍କୁ ସଠିକ ଭାବରେ ନିମନ୍ତ୍ରିତ କରାନଯିବା ଫଳରେ ପୂର୍ବତନ ବିଧାୟକ, ସାଂସଦ ଏବଂ ଅଧ୍ୟକ୍ଷାମାନେ ଅସନ୍ତୋଷ ବ୍ୟକ୍ତ କରି ଅନୁପସ୍ଥିତ ରହିଥିଲେ ।

## ହୃଦ୍‌ଘାତରେ ଚାଲିଗଲା ବୃଦ୍ଧ ଦମ୍ପତିଙ୍କ ଜୀବନ

**ବାଲିଚନ୍ଦ୍ରପୁର, ୧୮।୨ (ସମିସ):** ବୟସାଧିକ ହୋଇଥିଲେ ମଧ୍ୟ ଚଳଚଞ୍ଚଳ ଥିବା ବୃଦ୍ଧ ଦମ୍ପତିଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି । ଏହି ମୃତ ଦମ୍ପତି ହେଉଛନ୍ତି ବଡ଼ଚଣା ବ୍ଲକ ତଥା ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣ ଗୋପାଳପୁର ଗ୍ରାମର ଦାଶରଥି ବିହାରୀ (୮୪)ଓ ତାଙ୍କ ପତ୍ନୀ ସେବତୀ ବିହାରୀ (୭୮) । ସୂଚନା ମୁତାବକ ବୃଦ୍ଧା ସେବତୀ ବିହାରୀ ଗତ ୧୦ ତାରିଖ ଦିନ ଘରେ ଥିବା ସମୟରେ ସେ ହୃଦଘାତର ଶିକାର ହୋଇଥିଲେ । ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ତେବେ ତାଙ୍କର ଚିକିତ୍ସା ଚାଲୁଥିବା ବେଳେ ଗତ ୧୪ ତାରିଖ ଦିନ ସ୍ୱାମୀ ଦାଶରଥି ବେଶ ସୁସ୍ଥ ଥିବା ବେଳେ ସେ ମଧ୍ୟ ହୃଦଘାତର ଶିକାର ହୋଇଥିଲେ । ତାଙ୍କୁ ମଧ୍ୟ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସିତ ସମୟରେ ଗତକାଲି ରାତିରେ ପ୍ରଥମେ ପତ୍ନୀ ସେବତୀଙ୍କର ସେଠାରେ ମୃତ୍ୟୁ ହୋଇଯାଇଥିଲା । ଆଜି ସକାଳେ ତାଙ୍କ ଶବକୁ ଗ୍ରାମକୁ ଅଣାଯାଇ ସତ୍କାର କରାଯାଇଥିଲା । ହେଲେ ପତ୍ନୀଙ୍କ ଶବ ସତ୍କାରର ତିନି ଘଣ୍ଟା ପରେ ଚିକିତ୍ସିତ ହେଉଥିବା ସ୍ୱାମୀ ଦାଶରଥିଙ୍କର ମୃତ୍ୟୁ ହୋଇଯାଇଥିଲା । ପରେ ତାଙ୍କ ଶବକୁ ଗ୍ରାମକୁ ଅଣାଯାଇ ସତ୍କାର କରାଯାଇଥିଲା ।

## କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କ ଯାଜପୁର ଜିଲ୍ଲା ଗସ୍ତ



**ଯାଜପୁର ୧୮ ।୨(ସମିସ):** କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧୁରୀ ଯାଜପୁର ଗସ୍ତରେ ଆସି ଯାଜପୁର ବ୍ଲକର ବିଚିତ୍ରପୁର ଗ୍ରାମପଞ୍ଚାୟତରେ ୨୬ ପାନବରଜ, କୃଷକ ରେଜିଷ୍ଟ୍ରି କ୍ୟାମ୍ପ ପରିଦର୍ଶନ କରି ଉପସ୍ଥିତ ଚାଷୀ ମାନଙ୍କର ସହ ଯୋଜନା ରୁପାନ୍ତରିକରଣ ବିଷୟରେ ଆଲୋଚନା କରିଥିଲେ । ଏହା ପରେ ଜାହାନପୁର ଗ୍ରାମ ପଞ୍ଚାୟତରେ ଧାନ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା ଆନୁକୂଲ୍ୟରେ ହୋଇଥିବା ମୁଗ କ୍ଷେତ୍ର ପ୍ରଦର୍ଶନୀ ପରିଦର୍ଶନ କରି ଚାଷୀ ମାନଙ୍କ ସହ ଯୋଜନା, ଖାଦ୍ୟସାର ପରିଚାଳନା, ସମନ୍ୱିତ ରୋଗ ସେବା ପରିଚାଳନା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ତାଙ୍କ ଉପସ୍ଥିତିରେ ଡ୍ରୋନ୍ ମାଧ୍ୟମରେ ନାନୋ ଡିଏପି ସାର ସିଞ୍ଚନ ପ୍ରଣାଳୀ ପ୍ରଦର୍ଶନ କରାଯାଇଥିଲା । କବୀରପୁର ଗ୍ରାମରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅନ୍ତର୍ଭୁକ୍ତ କୃଷି ସେବା କେନ୍ଦ୍ର ପରିଦର୍ଶନ କରିବା ସହ ଶଙ୍କର ବିହନ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିବା ପରେ ଜିଲ୍ଲାପାଳ, ଯାଜପୁରଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ, ଯାଜପୁର, ପି ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତିରେ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା, ଅନ୍ୟ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ । ଏହାପରେ କୃଷି ନିର୍ଦ୍ଦେଶକ ପାଣିକୋଇଲି ସ୍ଥିତ ଛତୁ ବିହନ ଉତ୍ପାଦନ କେନ୍ଦ୍ର, ଜୈବ ଉର୍ବରକ ଉତ୍ପାଦନ ଉଦ୍ୟୋଗ ପରିଦର୍ଶନ କରିଥିଲେ । ଜିଲ୍ଲାରେ ଯେପରି ସାର ଓ ଔଷଧ ବିକ୍ରୟ ହେଉଛି ସେଥି ନିମନ୍ତେ ରାସାୟନିକ ସାର ଓ ଔଷଧ ଗୋଦାମ ଗୃହ ପରିଦର୍ଶନ କରିଥିଲେ । ଶେଷରେ ବଡ଼ଚଣା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରି କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଗବେଷଣାତ୍ମକ କାର୍ଯ୍ୟପ୍ରଣାଳୀ ଅନୁଧ୍ୟାନ କରିଥିଲେ ।

## ପିପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ବଡ଼ଙ୍କୁଆଲ ଚାମ୍ପିଅନ୍



**କଁଧ୍ୟାଗୋଲା, ୧୮।୨ (ସମିସ):** ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ସ୍ଥିତ ରମ୍ଭିଳା ପଡ଼ିଆଠାରେ ୩ଦିନ ଧରି ଚାଲୁଥିବା ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ରମ୍ଭିଳା ଓ ବଡ଼ଙ୍କୁଆଲ ମଧ୍ୟରେ ହୋଇଥିଲା । ପ୍ରଥମେ ଟସ୍ ଜିତି ରମ୍ଭିଳା ବ୍ୟାଟିଂ ନିଷ୍ପତି ନେଇ ୮ ଓଭରରେ ୬୪ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ବଡ଼କୁଂଆଲ ୭ ଓଭର ଖେଳି ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗ ଦେଇ ଚାମ୍ପିଅନ୍ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ । ଏହି ଅବସରରେ ବିଶ୍ୱଜିତ ଦାସ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗାୟତ୍ରୀ ନାୟକ ପଞ୍ଚାୟତ ବିଜେଡି ସଭାପତି ବିବେକ ବେହେରା, ପୂର୍ବତନ ସମିତି ସଭ୍ୟ ମନୋଜ ଧଳ, ରମେଶ ରାଉତ, ଝଜୟ ମଲ୍ଲିକ, ଶଶୀକାନ୍ତ ରାୟ ଯୋଗ ଦାନ କରିଥିଲେ । କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଦୁଃଶାସନ ମଲ୍ଲିକ, ତପନ ରାଉତ, ସ୍ୱରାଜ ବାଇ, ଦେବାଶିଷ ସାହୁ, ନିତ୍ୟାନନ୍ଦ ଜେନା ସହ ପଞ୍ଚାୟତର ସମସ୍ତ ଖେଳପ୍ରେମୀ ସହଯୋଗ କରିଥିଲେ ।

## ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳର ବୈଠକ



**ଧର୍ମଶାଳା, ୧୮ ।୨(ସମିସ):** ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳର ଏକ ବୈଠକ ସଭାପତି ଡାକ୍ତର ସଦାନନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନୂତନ ସାଧାରଣ ସମ୍ପାଦକ ଭାବରେ ଆର୍ତ୍ତତ୍ରାଣ ତ୍ରିପାଠୀ ଓ କୃଷ୍ଣ ଚନ୍ଦ୍ର ମିଶ୍ରଙ୍କୁ ପରୀକ୍ଷା ସଞ୍ଚାଳକ ଭାବରେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି । ପ୍ରାରମ୍ଭରେ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ଷଡ଼ଙ୍ଗୀଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ବୈଠକରେ ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ରଞ୍ଜନ କୁମାର ସାମଲ, ରବୀନ୍ଦ୍ର ନାଥ ଶତପଥୀ, ନାରାୟଣ ଚନ୍ଦ୍ର ମିଶ୍ର, ସୁବାସ ଚନ୍ଦ୍ର ପାଣି, ନାରାୟଣ ଚନ୍ଦ୍ର ଦାସ, ଅରବିନ୍ଦ ପଣ୍ଡା, ପଣ୍ଡିତ ସନ୍ତୋଷ ଦାସ, ଭାଗିରଥି ସାହୁ, ଲକ୍ଷ୍ମୀଧର ବେହେରା, ଅଜିତ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ପଣ୍ଡିତ ଶିକ୍ଷକ ଯୋଗ ଦେଇଥିଲେ । ଶେଷରେ ଉପ ସଭାପତି ରମେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୧ କେଭି ଓସ୍ତପାଳ ଫିଡର ଲୋକାର୍ପିତ

**ଟମକା ୧୮ ।୨(ସମିସ):** ଡୁବୁରୀ ସବ୍‌ଡିଭିଜନ ବିଦ୍ୟୁତ୍ କାର୍ଯ୍ୟାଳୟ ଶାଖା ଦେଉଳକଣ ଟମକା ଗ୍ରୀଡ଼ ସବ୍‌ଷ୍ଟେସନରୁ ବହୁ ପ୍ରତୀକ୍ଷିତ ୧୧ କେଭିର ନୂତନ ଓସ୍ତପାଳ ଫିଡରକୁ ଧବଳଗିରି ମୁଖ୍ୟ କାର୍ଯ୍ୟାଳୟର ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ନାୟକ ଲୋକାର୍ପିତ କରିଛନ୍ତି । ଏହା ପୂର୍ବରୁ ନଛିପୁରା ଫିଡରରୁ ବିଦ୍ୟୁତ୍ ସଂଯୋଗୀକରଣ ଥିଲା । ଯାହାଦ୍ୱାରା ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ସହିତ ଉନ୍ନତମାନର ସେବା ପାଇବାରୁ ଜନସାଧାରଣ ବଞ୍ଚିତ ହେଉଥିଲେ । ବାରମ୍ବାର ବିଦ୍ୟୁତ୍ ସମସ୍ୟା ଲାଗି ରହୁଥିଲା । ଜନସାଧାରଣମାନଙ୍କ ଭାବାବେଗକୁ ସମ୍ମାନ ଦେଇ ଟାଟା ବିଦ୍ୟୁତ୍ ବିଭାଗର ଅଧିକାରୀ ନୂତନ ଫିଡରରେ ବିଦ୍ୟୁତ୍ ସଂଯୋଗ ଦେଇଥିବାରୁ ବିଦ୍ୟୁତ୍ ବ୍ୟବହାର କରୁଥିବା ୭୬୦୦ ବିଦ୍ୟୁତ୍ ଗ୍ରାହକମାନେ ବିଦ୍ୟୁତ୍ ବିଭାଗକୁ ଧନ୍ୟବାଦ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡୁବୁରୀ କାର୍ଯ୍ୟାଳୟର ଅଧିକାରୀ ବିଭୂଦତ୍ତ ସାହୁ, କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ ଦାସ, ପ୍ରକଳ୍ପ ଯନ୍ତ୍ରୀ ଦୀପକ, ସହକାରୀଯନ୍ତ୍ରୀ ଗଦାଧର ନନ୍ଦଙ୍କ ସମେତ ସମସ୍ତ ବିଦ୍ୟୁତ୍ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।



## ରାଧାକୃଷ୍ଣ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ

**ଧର୍ମଶାଳା ୧୮ ।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାମପୁର-କଇଥା ସ୍ଥିତ ରାଧାକୃଷ୍ଣ ମନ୍ଦିରର ପ୍ରଥମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ଶ୍ରୀଜୀୟୁଙ୍କର ହୋମ ଯଜ୍ଞାଦି କାର୍ଯ୍ୟ ରାଧାକୃଷ୍ଣ ଯାଦବ ମହାସଭା ଦ୍ୱାରା ସମ୍ପାଦିତ ହୋଇଥିଲା । ମହାସଭାର ମୁଖ୍ୟ ପରାମର୍ଶଦାତା, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ତଥା ଶିକ୍ଷାବିତ ରଘୁନାଥ ବେହେରାଙ୍କ ସଭାପତିତ୍ୱରେ ଏକ ସାହିତ୍ୟ ଓ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ସାହିତ୍ୟିକା ମିନତୀ ସାହୁ, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତିର ଗବେଷକ ଗଣେଶ୍ୱର ପରିଡ଼ା ଯୋଗ ଦେଇଥିଲେ । କବି ସୁଦାମ ଚରଣ ନାୟକ ଓ ଗଣେଶ୍ୱର ବେହେରାଙ୍କ ସଂଯୋଜନାରେ କବିତା ଆସର ହୋଇଥିଲା । କବି ଓ ନାଟ୍ୟକାର ସୁକାନ୍ତ ରାଉତ, ଅଶ୍ୱିନୀ କୁମାର ଦାସ, ଇନ୍ଦ୍ରମଣି ମହାକୁଡ଼, ଶରତ ଦାସ, ଗଣେଶ୍ୱର ପରିଡ଼ା, ସୁଦାମ ଚରଣ ନାୟକ ଓ ଗଣେଶ୍ୱର ବେହେରା, ବିଜୟ କର ପ୍ରମୁଖ କବିତା ପାଠ କରିଥିଲେ । ତୃତୀୟ ଶ୍ରେଣୀ ଛାତ୍ର କୁନି ପ୍ରବଚକ ଶ୍ରୀମାନ ସାଇଶୁଭମ ଗାହକ୍ଷଣ ପ୍ରବଚନ ପ୍ରଦାନ କରିଥିଲେ । ରାମପୁର କଇଥାର ଯାଦବ ଭାଇମାନେ ଲଉଡ଼ି ଖେଳ ପ୍ରଦର୍ଶନ କରିଥିଲେ । ପୂର୍ଣ୍ଣାହୁତି କାର୍ଯ୍ୟରେ ସର୍ବସାଧାରଣ ଯୋଗଦେଇଥିଲେ । ପୁରୋଧା ପ୍ରମୋଦ ପଣ୍ଡାଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସଞ୍ଚାଳିତ ହୋଇଥିବାବେଳେ ସୁନାକାର ପଣ୍ଡା ଓ ବାପିନା ପଣ୍ଡା ସହ ପୁରୋଧା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ଏହି ଶୁଭ କାର୍ଯ୍ୟରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଧବଳେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ଘନଶ୍ୟାମ ପଲେଇ, ବିନୋଦିନୀ ସେଠୀ, ଲିପ୍ସାରାଣୀ ବାରିକ, ଲିଲି ରାଉତ, ଅମ୍ବୁଜ ରାଉତ, ଗିରିଧାରୀ ପଲେଇ, ପ୍ରମୋଦ ପଲେଇ, ପ୍ରକାଶ ପଲେଇ ପ୍ରମୁଖ ଯୋଗ ଦେଇଥିଲେ ।

## ମରଣଯନ୍ତା ପାଲଟିଛି ମାନପୁର-ବେଙ୍ଗପାଟିଆ ରାସ୍ତା



**ଦାନଗଦି, ୧୮ ।୨(ସମିସ)**

ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତର ବେଙ୍ଗପାଟିଆ ଗାଁକୁ ଯିବା ପାଇଁ ରହିଥିବା ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି । ମାନପୁର ଗାଁରୁ ବେଙ୍ଗପାଟିଆ ଗାଁକୁ ଯାଇଥିବା ରାସ୍ତା ଅବସ୍ଥା ଏତେ ଖରାପ ଯେ ଚାଲିକି ଯିବା ଲୋକ ବି ଖାଲ ଖମା ରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି । ସାଇକଲ୍, ମୋଟରସାଇକେଲ ଚାଳକ ଭଗବାନକୁ ଡାକି ରାସ୍ତା ଅତିକ୍ରମ କରୁଛନ୍ତି । ମାନପୁରରୁ ବେଙ୍ଗ ପାଟିଆକୁ ସଂଯୋଗ କରୁଥିବା ଅଙ୍କାବଙ୍କା ଅଣ ଓସାରିଆ ରାସ୍ତାଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ବିପଦପୂର୍ଣ୍ଣ ଅବସ୍ଥାରେ ପରିଣତ ହୋଇଛି । ଏହି ବିପର୍ଯ୍ୟସ୍ତ ରାସ୍ତାଟି ଉପରେ ଦୈନିକ ମାନପୁର ଦେଇ କଳିଙ୍ଗନଗର କଳ କାରଖାନା, ଦାନଗଦି ଓ ଯାଜପୁର ରୋଡ଼ ବଜାର, ହାଟ, ମେଡିକାଲ, ବ୍ଲକ, ବ୍ୟାଙ୍କ, କଲେଜ, ବିଦ୍ୟାଳୟକୁ ଶତାଧିକ ଲୋକ ଯାତାୟାତ କରନ୍ତି । ପଚାଶ ବର୍ଷ ତଳର ଏହି ପୁରାତନ ଗାଁର ଲୋକ ସଂଖ୍ୟା ୧୦୦୦ରୁ ଅଧିକ । ଘର ସଂଖ୍ୟା ୩୦୦ରୁ ଊର୍ଦ୍ଧ୍ୱ ହେବ । ଏହି ଗାଁର ଅଧିକାଂଶ ଲୋକ ମୁଖ୍ୟତଃ ଚାଷୀ ଓ ଚାଷ ଉପରେ ନିର୍ଭର କରିଥାନ୍ତି । ଏହି ବିପଦସଂକୁଳ ରାସ୍ତାରେ ଚାଷୀମାନେ ପନିପରିବା ନେଇ ମୋଟର ସାଇକଲ ଓ ସାଇକଲ, ଅଟୋରେ ବିକ୍ରି କରିବା ପାଇଁ ଦାନଗଦି ଓ ଯାଜପୁରରୋଡ଼ ବଜାରକୁ ବିକ୍ରୀ ପାଇଁ ଯାଇଥାନ୍ତି । ସନ୍ଧ୍ୟା ସମୟରେ ଅନ୍ଧାରରେ ଏହି ରାସ୍ତା କଡ଼ରେ ଆଲୋକର ବ୍ୟବସ୍ଥା ନ ଥିବାରୁ ଏହି ବିପଦସଂକୁଳ ରାସ୍ତାରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି । ଗଣ୍ଡାନାଳ ଉପରେ ଥିବା ପୋଲର ଦୁଇ ପାର୍ଶ୍ୱରେ କିଛି ବ୍ୟାରିକେଡ୍ ନାହିଁ । ପୋଲ ଦୁଇ ସାଇଡ୍ ରାସ୍ତା ମଧ୍ୟ ବିପଦପୂର୍ଣ୍ଣ ଭାବରେ ପଡ଼ିରହିଛି । ଦୀପ ତଳ ଅନ୍ଧାର ପରି ଆଉ କେତେ ଦିନ ଅବହେଳିତ ହୋଇ ରହିବେ ଏହି ଗ୍ରାମବାସୀ । ସାଇକେଲରେ ବିଦ୍ୟାଳୟକୁ ଆସୁଥିବା ପିଲାମାନେ ମଧ୍ୟ ବହୁ ଅସୁବିଧା ଭୋଗୁଛନ୍ତି । ପ୍ରଶାସନ ଓ ସ୍ଥାନୀୟ ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



## ମୁଗ ବିହନ ଓ କୀଟନାଶକ ଔଷଧ ବଣ୍ଟନ



**କର୍ଯାଁଗୋଲା, ୧୮ ।୨(ସମିସ ):** ଦଶରଥପୁର ବ୍ଲକ କର୍ଯାଁ ପଞ୍ଚାୟତରେ ଚାଷୀ ମାନଙ୍କୁ ମୁଗ ବିହନ ବଣ୍ଟନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକର ଭିଏଲଡବ୍ଲ୍ୟୁ ସମୀର କୁମାର ସୋରେନ, କର୍ଯାଁ ପଞ୍ଚାୟତ କୋର୍ଡିନେଟର ଇପ୍ସିତ ନାୟକ, କର୍ଯାଁ ପଞ୍ଚାୟତର କୃଷକ ସାଥି ଅଲେଖ ଦାସ, କର୍ଯାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈଦ୍ୟନାଥ ସାହାଣୀଙ୍କ ଉପସ୍ଥିତିରେ ପଞ୍ଚାୟତର ଚାଷୀ ମାନଙ୍କୁ ମୁଗ ବିହନ, କୀଟନାଶକ ଔଷଧ, ସାର, ଏଲୋଷ୍ଟିକ ଆଦି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବଣ୍ଟନ କରାଯାଇ ଥିଲା । କର୍ଯାଁ ପଞ୍ଚାୟତର ସରପଞ୍ଚ ମନ୍ଦାକିନୀ ମଲ୍ଲିକ ସମସ୍ତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଯୋଗେଇ ଦିଆଯାଇ ଥିବା ବିହନକୁ ନେଇ ଉତ୍ତମ ପ୍ରଣାଳୀରେ ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ଯାଜପୁରରୋଡ-ଧାମରା ରେଳପଥ ପାଇଁ ସାଂସଦଙ୍କ ଆଲୋଚନା



**ମଙ୍ଗଳପୁର, ୧୮ ।୨(ସମିସ ):** ଯାଜପୁର ରୋଡ଼- ଧାମରା ରେଳ ପଥ ପ୍ରକଳ୍ପ ପାଇଁ ଦୀର୍ଘ ଦିନ ଧରି ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଆନ୍ଦୋଳନ ଜାରି ରହିଥିବା ବେଳେ ଆଜି ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଇଷ୍ଟ କୋଷ୍ଟ ରେଳବାଇର ଜେନେରାଲ ମ୍ୟାନେଜରଙ୍କୁ ସାକ୍ଷାତ କରି ପ୍ରକଳ୍ପ ମଞ୍ଜୁରୀ ପାଇଁ ଦାବି କରିଥିଲେ । ଯାଜପୁର କେନ୍ଦୁଝର ରୋଡ ଓ ଧାମରା ବିରଜା କ୍ଷେତ୍ର ଦେଇ ରେଳପଥ ପ୍ରକଳ୍ପ ମଞ୍ଜୁରୀ କରିବା ସହ ଅନ୍ୟାନ୍ୟ ରେଳ ସମସ୍ୟା ଯଥା ଯାଜପୁର ରୋଡ ଷ୍ଟେସନର ଉନ୍ନତିକରଣ, ବୈରୀ ଷ୍ଟେସନରେ ଗାନ୍ଧୀ ସ୍ମୃତି ସ୍ଥାପନ, ବାଲିଚନ୍ଦ୍ରପୁର ଷ୍ଟେସନ ପ୍ରତିଷ୍ଠା, ଯାଜପୁର ରୋଡ୍ ଷ୍ଟେସନରୁ ପକ୍ଷସିଲ ସେଣ୍ଟର ନ ହଟେଇବା ଏବଂ ଅନ୍ୟାନ୍ୟ ଓଭର୍ ବ୍ରିଜ ବିଷୟରେ ଆଲୋଚନା କରିଥିଲେ । ଯାଜପୁରବାସୀଙ୍କ ଦୀର୍ଘ ଦିନର ଆଶା ପୂରଣ କରିବା ପାଇଁ ଯାଜପୁର ସାଂସଦଙ୍କ ସହ ବିଜେପି ନେତା ଗୌତମ ରାୟ ଉପସ୍ଥିତ ରହି ଦାବି କରିଥିଲେ ।

## ଏସ୍‌ଆର୍‌ସିକେଏମ୍‌ଏସ୍‌ର ସାଙ୍ଗଠନିକ ନିର୍ବାଚନ



**କାଳିଆପାଣି, ୧୮ ।୨(ସମିସ):** ସୁକିନ୍ଦା ରିଜିୟନ କ୍ରୋମାଇଟ୍ ଖଦାନ ମଜଦୁର ସଂଘ ର ପ୍ରତ୍ୟେକ ଖଣିରେ ଥିବା ଶାଖାର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଶେଷ ହୋଇଛି । ଏହା ସୁକିନ୍ଦା ଖଣି ଅଞ୍ଚଳର ବୃହତ୍ ମଜଦୁର ସଂଘ । ଚୟନ ହୋଇଥିବା କର୍ମକର୍ତ୍ତା ମାନଙ୍କୁ ସଂଘର ସଭାପତି ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ । ଆଗାମୀ ଦିନରେ ସଂଘକୁ କିପରି ଅଧିକ ମଜବୁତ କରାଯିବ ଓ ଶ୍ରମିକ ଭାଇ ଭଉଣୀ ମାନଙ୍କ ସ୍ୱାର୍ଥ ହାସଲ ପାଇଁ ଉଦ୍ୟମ ହେବ ସେ ନେଇ ନୂତନ କର୍ମକର୍ତ୍ତା ମାନଙ୍କ ସହିତ ଇଂ.ଘଡାଇ ଆଲୋଚନା କରିଥିଲେ । ନୂତନ କର୍ମକର୍ତ୍ତା ମାନେ ଶ୍ରମିକଙ୍କ ସ୍ୱାର୍ଥ ହାସଲ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ ।

## ଗୁରୁକୁଳ ମଡେଲ ସ୍କୁଲର ବାର୍ଷିକ ଉତ୍ସବ

**ଦଶରଥପୁର, ୧୮ ।୨ (ସମିସ):** ଦଶରଥପୁର ବ୍ଲକ ଖଣ୍ଡରା ଗୁରୁକୁଳ ମଡେଲ ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ସ୍କୁଲର ନିର୍ଦ୍ଦେଶକ କ୍ଷୀରୋଦ ଚନ୍ଦ୍ର ପାଠୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆୟୁକ୍ତ ଭୂଲେଖ ଓ ବନ୍ଦୋବସ୍ତ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ମୁଖ୍ୟ ବକ୍ତାଭାବେ ପ୍ରାଧ୍ୟାପକ ଦିବ୍ୟଲୋଚନ ସିଂହ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଯାଜପୁର ବରିଷ୍ଠ ନାଗରିକ ସଂଘର ସଭାପତି ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନୃସିଂହ ଚରଣ ମହାପାତ୍ର ଯୋଗଦେଇ ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ । ଅନ୍ୟତମ ଅତିଥିଭାବେ ଦଶରଥପୁର ମଣ୍ଡଳ ସହ ଶିକ୍ଷାଧିକାରିଣୀ ସାବିତ୍ରୀ ସେଠୀ ଅନୁଷ୍ଠାନର ଶୈକ୍ଷିକ ବାତାବରଣ ଉପରେ ଗୁରୁତ୍ୱ ଦେଇଥିଲେ । ଅତିଥିଭାବେ ଯୋଗଦେଇ ଖଣ୍ଡରା ପଞ୍ଚାୟତର ସରପଞ୍ଚ କୁଞ୍ଜବିହାରୀ ଦାସ ଅନୁଷ୍ଠାନକୁ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ପଞ୍ଚାୟତ ସମିତି ସଭ୍ୟ ରମାକାନ୍ତ ସେଠୀ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଚେୟାରମ୍ୟାନ ସ୍ନେହଲତା ଦାଶ, ବିଦ୍ୟାଳୟର ଅଧକ୍ଷ ସାଇରାଜ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଓ ସଂସ୍କୃତି ଦାସ ଉପସ୍ଥାପନା କାର୍ଯ୍ୟ କରିଥିବା ବେଳେ ପୁରସ୍କାର ବିତରଣ କାର୍ଯ୍ୟ ସାଇ ସତ୍ୟରୂପା ମହାନ୍ତି ଓ ଅନ୍ୟ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ । ଶେଷରେ ସାଇ ସତ୍ୟରୂପା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଦାନଗଦି ତହସିଲ
# ଧୂଳିଗଡ଼ରୁ ଚୋରାଚାଲାଣ ହେଉଛି ମୋରମ, ପ୍ରଶାସନ ନିଷ୍କ୍ରିୟ

**ଯଖପୁରା, ୧୮ ।୨ (ସମିସ)**

କଳିଙ୍ଗନଗରରେ ଏବେ ସକ୍ରିୟ ହୋ ଉଠିଛନ୍ତି ମୋରମ ମାଫିଆ । ଯେବେଠୁ ଏହା ତହସିଲଠାରୁ ଖଣି ନିଗମ ସଂସ୍ଥାକୁ ଚାଲିଯାଇଛି, ସବେଠୁ ମୋରମ ମାଫିଆମାନେ ସକ୍ରିୟ ହୋଇଯାଇଛନ୍ତି । ପ୍ରତ୍ୟେକ ଦିନ କଳିଙ୍ଗନଗରରେ କେଉଁଠୁ ନା କେଉଁଠୁ ମୋରମ ଉଠାଚାଲିଛି । ଯଖପୁରା ଥାନା ଅଧୀନରେ ଥିବା ସମସ୍ତ ମୋରମ ଖାଦାନକୁ ଯଖପୁରା ପୁଲିସ କଡ଼ାନଜରରେ ରଖିଥିବାରୁ ମୋରମ ମାଫିଆ ମାନେ ଏଠାରୁ ଆଉ ମୋରମ ନ ଉଠାଇ ପାରିବାରୁ ବାଧ ହୋଇ ସ୍ଥାନ ପରିବର୍ତ୍ତନ କରିଛନ୍ତି । ମାଫିଆ ମାନେ ମୋରମ ଲୁଟିବା ପାଇଁ ସବୁଠୁ ସୁରକ୍ଷିତ ସ୍ଥାନ ଧୂଳିଗଡ଼କୁ ବାଛିନେଇଛନ୍ତି । ଦାନଗଦି ବ୍ଲକର ଅନେକ ସ୍ଥାନରେ ମୋରମ ଲୁଟ ହେଉଥିବା ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ମୋରମ ଚୋରା କାରବାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ପ୍ରୟାସ କରାଯାଉଥିବାବେଳେ ଧୂଳିଗଡ଼ ପଞ୍ଚାୟତର ଧୂଳିଗଡ଼ ଗ୍ରାମରୁ ମୋରମ ଚୋରା ଚାଲାଣ ହେଉଥିବାର ଦେଖିବାକୁ ମିଳିଛି । ଦାନଗଦି ବ୍ଲକ ଓ ଫାଣ୍ଡିଠାରୁ ଧୂଳିଗଡ଼ ମୋରମ ଖାଦାନ ଦୂରତ୍ୱ



ମାତ୍ର ୩ ରୁ ୪ କିଲୋମିଟର ହୋଇଥିବାବେଳେ ଏଠାରୁ କିପରି ମୋରମ ତାଡ଼ି ବଡ଼ ବଡ଼ ହାଇୱାରେ ନେଇ ପାରୁଛନ୍ତି ତାହା ସାଧାରଣରେ ଆଶ୍ଚର୍ଯ୍ୟ ପରିଲକ୍ଷିତ ହେଉଛି । ରାତିରେ ମୋରମ ଚୋରା ଚାଲାଣ ବେଳେ ସ୍ଥାନୀୟ ବାସିନ୍ଦା ଏହାର ପ୍ରତିବାଦ କରିବାରୁ ମାଫିଆ ସେମାନଙ୍କୁ ନାଲିଆଖି ଦେଖାଇବା ସହ ଉପରୁ ସମସ୍ତ ବ୍ୟବସ୍ଥା କରାଯାଇଛି କହିଥିଲେ । ଉଠାଯାଉଥିବା ମୋରମ ଖାଦାନ ଜଙ୍ଗଲ କିସମ ହୋଇଥିବାବେଳେ ଯାହାର ଖାତା ନମ୍ବର ୮୯ ଓ ପ୍ଲଟ ନମ୍ବର ୩୬୭ ରହିଛି । ଯଖପୁରା ଅଞ୍ଚଳରେ ହେଉଥିବା ସମସ୍ତ ମୋରମ ଚୋରା କାରବାରକୁ ଯଖପୁରା ପୁଲିସ ଏକ ପ୍ରକାର ରୋକ୍ ଲଗାଇବା ପରେ ଏବେ ଧୂଳିଗଡ଼ରୁ ମୋରମ ଲୁଟିବା କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି ମାଫିଆମାନେ । ଏଠାରୁ ମୋରମ ଉଠାଯାଇ ଜିଲ୍ଲା ବାହାରକୁ ବଡ଼ ବଡ଼ ହାଇୱା ଗାଡ଼ିରେ ବହୁ ଉଚ୍ଚା ଦରରେ ବିକ୍ରି କରାଯାଉଛି । ଏହି କାରବାରରେ କିଛି ମାଫିଆ ଲାଭବାନ ହେଉଥିବାବେଳେ ସରକାରଙ୍କ ପ୍ରଚୁର ରାଜସ୍ୱ ହାନି ଘଟୁଛି । ଲଘୁ ଖଣି ବିଭାଗ ପକ୍ଷରୁ ଜିଲ୍ଲା ଓ ବ୍ଲକ ସ୍ତରରେ ସ୍କ୍ୱାର୍ଡ ଗଠନ କରାଯାଇଛି । ସବୁଠୁ ଆଶ୍ଚର୍ଯ୍ୟ ବିଷୟ ବ୍ଲକ ସ୍କ୍ୱାର୍ଡର୍ ଥିବାବେଳେ ମୋରମ ଚୋରା ଚାଲାଣ ହେଉଛି, ଠିକ୍ ବ୍ଲକରୁ ମାତ୍ର କିଛି ଦୂରରୁ । ବିଳମ୍ବିତ ରାତିରେ ମାଫିଆ ମାନେ ସ୍ଥାନୀୟ କିଛି ମଦ୍ୟପ ଯୁବକ ନିୟୋଜିତ କରି ମୋରମ ଉଠାଉଛନ୍ତି । ଏହି ଚୋରା ମୋରମ ଚାଲାଣ ହେଉଥିବା ସ୍ଥାନକୁ ସ୍ଥାନୀୟ ଲୋକେ ସାହସ କରି ଯାଇପାରୁନାହାନ୍ତି । ରାତି ତମାମ ଚୋରା ମୋରମ ଚାଲୁଥିଲେ ମଧ୍ୟ ଦାନଗଦି ଫାଣ୍ଡି ପୁଲିସ ଓ ଲଘୁ ଖଣିଜ ବିଭାଗ କିପରି ଜାଣିପାରୁନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମୋରମ ଚାଲାଣରେ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହେଉଥିବାବେଳେ ମାଫିଆ ଓ ଅଧିକାରୀ ମାନଙ୍କ ମଧ୍ୟରେ ଉତ୍ତମ ବୁଝାବଣାରେ ସମସ୍ତ ଚୋରା ଚାଲାଣ ହୋଇପାରୁଛି । ଲଘୁ ଖଣିଜ ବିଭାଗ ପକ୍ଷରୁ ବ୍ଲକରେ ସ୍କ୍ୱାର୍ଡ ଥିବାବେଳେ ବ୍ଲକରୁ ମାତ୍ର ତିନି କିଲୋମିଟର ଦୂରରୁ କିପରି ମୋରମ ଚୋରା ଚାଲାଣ ହୋଇପାରୁଛି, ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି ।

## ବଜେଟରେ ସାମ୍ବାଦିକଙ୍କୁ ଉପେକ୍ଷା
# ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ଯାଜପୁର, ୧୮ ।୨ (ସମିସ) :** ଚଳିତ ବଜେଟରେ ସାମ୍ବାଦିକମାନଙ୍କୁ ରାଜ୍ୟ ସରକାର ଉପେକ୍ଷା କରିଥିବା ଅଭିଯୋଗ ଆଣିଛି ଓଡ଼ିଶା ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟ (ଓୟୁଜେ) । ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ଦଳ ପକ୍ଷରୁ ଘୋଷଣା କରାଯାଇଥିଲା କି ସରକାର ଆସିଲେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପେନ୍‌ସନ ଏବଂ ସୁରକ୍ଷା ପ୍ରଦାନ କରାଯିବ । ରାଜ୍ୟରେ ବିଜେପି ସରକାରକୁ ୮ ମାସ ବିତିଯାଇଥିଲେ ମଧ ଚଳିତ ବଜେଟ୍‌ରେ ସାମ୍ବାଦିକମାନଙ୍କ ପାଇଁ ଦିଆଯାଇଥିବା କୌଣସି ପ୍ରତିଶ୍ରୁତି ପାଳନ କରାଗଲାନାହିଁ । ଏଣୁ ରାଜ୍ୟର ସର୍ବପୁରାତନ ସାମ୍ବାଦିକ ସଂଘ ଓୟୁଜେ ଯାଜପୁର ଜିଲ୍ଲା ସଂଗଠନ ପକ୍ଷରୁ ଆଜି ପ୍ରତିବାଦ କରାଯାଇଛି । ୩ ଦଫା ଦାବିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର କ୍ୟାବିନେଟ ବସାଇ ସମଗ୍ର ରାଜ୍ୟର



କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯାଉ, ନଚେତ୍ ସଙ୍ଘ ପକ୍ଷରୁ ଆନ୍ଦୋଳନ କରାଯିବା ସହିତ ବିଧାନସଭା ଘେରାଉ କରାଯିବ ବୋଲି ସୂଚନା ଦିଆଯାଇଛି । ସଂଘ ପକ୍ଷରୁ ରାଜ୍ୟ ଉପ ସଭାପତି ରାଜୀବ ମହାନ୍ତି, ଜିଲ୍ଲାସଭାପତି ଅରୁଣ କୁମାର ରାଉତରାୟ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ସାହୁ, ଉପ ସଭାପତି ଦେବ ପ୍ରକାଶ ସାହୁ, ପ୍ରବୋଧ ମିଶ୍ର, ଉପଦେଷ୍ଟା ଆଦିତ୍ୟ ମେକାପ, ଅଜୟ ରଣା, ଅକ୍ଷୟ ଦାସ ଓ ଏକାଦଶୀ ସେଠି ପ୍ରମୁଖ ଉପସ୍ଥିତ ଥିଲେ ।

## ଧର୍ମଶାଳା ବ୍ଲକ୍
# ୧୮ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଦେବେ ୨୯୫୦ ଛାତ୍ରଛାତ୍ରୀ

**ଧର୍ମଶାଳା, ୧୮ ।୨ (ସମିସ):** ମାଟ୍ରିକ୍ ପରୀକ୍ଷା ଚଳିତ ମାସ ୨୧ ତାରିଖ ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୬ରେ ଶେଷ ହେବ । ଏଥର ମଧ ଧର୍ମଶାଳା ବାଣୀପୀଠକୁ ନୋଡ଼ାଲ ସେଣ୍ଟର ଭାବରେ ଚୟନ କରାଯାଇଛି । ଏଠାରେ ପୁଲିସ୍ ପ୍ରହରାରେ ପ୍ରଶ୍ନପତ୍ର ସବୁକୁ ରଖାଯିବ । ପରୀକ୍ଷା ଦିନ ନୋଡ଼ାଲ ସେଣ୍ଟରରୁ ୪ଟି ଟିମ୍ କଡ଼ା ସୁରକ୍ଷା ବଳୟରେ ପ୍ରଶ୍ନପତ୍ର ନେଇ ସମସ୍ତ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବେ । ଏହି ବ୍ଲକରେ ଚଳିତ ଥର ୧୮ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର କରାଯାଇଛି । ଚଳିତ ଥର ୨୯୫୦ ପରୀକ୍ଷାର୍ଥୀ ମାଟ୍ରିକ୍ ଓ ମଧ୍ୟମା ପରୀକ୍ଷା ଦେବାପାଇଁ ଆବେଦନ କରିଛନ୍ତି । ଏଥିମଧ୍ୟରୁ ୨୮୭୧ଜଣ ମାଟ୍ରିକ୍ ଓ ୭୯ଜଣ ମଧ୍ୟମା ଛାତ୍ରଛାତ୍ରୀ ଅଛନ୍ତି । ଏଥର ଧର୍ମଶାଳା ବାଣୀପୀଠ ପରୀକ୍ଷା କେନ୍ଦ୍ରରେ ୧୮୫ଜଣ, ଜାରକା ହାଇସ୍କୁଲରେ ୧୫୧, କାଏମା ଲାଲବାହାଦୁର ହାଇସ୍କୁଲରେ ୧୬୯, ଆରୁହା ହାଇସ୍କୁଲରେ ୧୭୧, ମୁରାରିପୁର ଗୋପାଳଜିଉ ହାଇସ୍କୁଲରେ ୧୧୧, ମହିସରା ହିଙ୍ଗୁଳା ବିଦ୍ୟାପୀଠରେ ୧୮୦, ନହଙ୍ଗାପାଟଣା ୟୁଜିପିଏଲ୍‌ଏନ୍ ହାଇସ୍କୁଲରେ ୧୯୮, ମିର୍ଜାପୁର ଶ୍ୟାମସୁନ୍ଦର ହାଇସ୍କୁଲରେ ୧୯୪, ନେଉଳପୁର ନୀଳସୁନ୍ଦର ହାଇସ୍କୁଲରେ ୧୦୬, ଜେନାପୁର ହାଇସ୍କୁଲରେ ୧୯୪, କବାଟବନ୍ଧ ହାଇସ୍କୁଲରେ ୧୮୮, ବାଘୁଆ ବ୍ରାହ୍ମଣୀଦେବୀ ହାଇସ୍କୁଲରେ ୧୫୯, ବଳରାମପୁରଗଡ଼ ହାଇସ୍କୁଲରେ ୧୮୧, ରେଖିଦେଇପୁର ପଞ୍ଚାୟତ ହାଇସ୍କୁଲରେ ୧୪୨, ବାଟିଯୋଡ଼ା ସ୍ୱପ୍ନେଶ୍ୱର ନୋଡ଼ାଲ ହାଇସ୍କୁଲରେ ୧୫୪, କୋଟପୁର ଜାଗୁଳାଇ ସରକାରୀ ହାଇସ୍କୁଲରେ ୧୫୯ ମାଟ୍ରିକ୍ ଓ ୧୭ଜଣ ମଧ୍ୟମା, ଅଟିଆ ପଞ୍ଚାୟତ ହିଙ୍ଗୁଳା ବିଦ୍ୟାପୀଠରେ ୧୬୬ ମାଟ୍ରିକ୍ ଓ ୩୪ଜଣ ମଧ୍ୟମା ଏବଂ ମଧୁପୁରଗଡ଼ ହାଇସ୍କୁଲରେ ୧୧୩ ମାଟ୍ରିକ୍ ଓ ୨୮ଜଣ ମଧ୍ୟମା ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ସୂଚନା ଦିଆଯାଇଛି ।

## ଅଙ୍କିତା ମେମୋରିଆଲ କବାଡ଼ି ପ୍ରତିଯୋଗିତା
# ମହିଳା ବିଭାଗରେ ଭଦ୍ରକ ଓ ପୁରୁଷ ବିଭାଗରେ କଟକ ଚାମ୍ପିଅନ



**ଧର୍ମଶାଳା, ୧୮ ।୨(ସମିସ ):** ଧର୍ମଶାଳା ବ୍ଲକ କୋଟପୁର ଖେଳପଡ଼ିଆରେ ୫ମ ଅଙ୍କିତା ମେମୋରିଆଲ ଏକ ଦିବସୀୟ ଦିବାରାତ୍ର ମହିଳା ଓ ପୁରୁଷ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ପ୍ରତିଯୋଗିତାର ମହିଳା ବିଭାଗରେ ଭଦ୍ରକ ଓ ପୁରୁଷ ବିଭାଗରେ କଟକ ନିଶ୍ଚିନ୍ତକୋଇଲି ଚାମ୍ପିଅନ୍ ହୋଇଛି । ଆୟୋଜିତ ଏହି ଏକ ଦିବସୀୟ ଦିବାରାତ୍ରି କବାଡି ପ୍ରତିଯୋଗିତାରେ ମହିଳା ବିଭାଗରେ ୭ଟି ଓ ପୁରୁଷ ବିଭାଗରେ ୪ଟି ବଛାବଛା ଟିମ ଅଂଶଗ୍ରହଣ କରିଥିଲେ । ମହିଳା ବିଭାଗର ଫାଇନାଲ୍ ମ୍ୟାଚରେ ଭଦ୍ରକ ଟିମ୍ କୋଟପୁର ଟିମକୁ ପରାସ୍ତ କରି ଚମ୍ପିଅନ ହୋଇଥିବା ବେଳେ କୋଟପୁର ଟିମ୍ ରନର୍ସ ଅପ ହୋଇଛି । ସେହିପର ପୁରୁଷ ବିଭାଗରେ କଟକ ନିଶ୍ଚିନ୍ତକୋଇଲି ଟିମ୍ ପାଣିକୋଇଲି ଟିମକୁ ପରାସ୍ତ କରି ଚାମ୍ପିଅନ ହୋଇଥିବା ବେଳେ ପାଣିକୋଇଲି ରନସ ର୍‌ଅପ୍ ହୋଇଛି । ଅନୁଷ୍ଠିତ ମ୍ୟାଚକୁ କୃଷ୍ଣକାନ୍ତ ପଣ୍ଡା, ପ୍ରଭାତ ଜେନା, ପୁପୁନ ମଲିକ ଓ ତାପସ ନାୟକ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚରେ ଭଣ୍ଡାରୀପୋଖରୀ ବ୍ଲକର ପୂର୍ବତନ ଅଧକ୍ଷ ପ୍ରଣିତ ସାମଲ ଓ ଡାକ୍ତର ସାଲୋନି ଜେନା ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । ଆୟୋଜିତ ଉଦଯାପନୀ ଉତ୍ସବ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଅବନୀକାନ୍ତ ଜେନା ଓ ଆଲୋକ ବଡ଼ଜେନା ଦକ୍ଷୀଣରାୟ ମହାପାତ୍ର ଯୋଗଦେଇ ଚାମ୍ପିଅନ୍ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ । ଏହି କବାଡ଼ି ପ୍ରତିଯୋଗିତାକୁ ଇଂ.ଅଜିତ କୁମାର ଜେନା, ଇଂ.ମାନସ କୁମାର ଜେନା, ସ୍ୱରାଜ କୁମାର ଜେନା ପ୍ରମୁଖ ପରିଚଳନାରେ ସେହଯୋଗ କରିଥିଲେ ।

## ସମଜସେବୀ ପ୍ରେମଲତା ଜେନାଙ୍କୁ ଶ୍ରଦ୍ଧାଞ୍ଜଳି

**ଧର୍ମଶାଳା, ୧୮ ।୨( ସମିସ ) :** ଧର୍ମଶାଳା ବ୍ଲକ ଇମାମନଗର ଗ୍ରାମର ସମାଜସେବୀ ସ୍ୱର୍ଗତା ପ୍ରେମଲତା ଜେନା ସାରା ଅଞ୍ଚଳରେ ସମସ୍ତଙ୍କ ଆଦରଣୀୟା ଥିଲେ । ସମାଜସେବା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ପ୍ରତ୍ୟେକ୍ଷ ଓ ପରୋକ୍ଷ ପ୍ରେରଣା ତଥା ସହଯୋଗ ଅନେକଙ୍କୁ ଅଭିଭୂତ କରିଥିଲା । ତାଙ୍କର ଆକସ୍ମିକ ବିୟୋଗ ସାରା ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରଦ୍ଧାଞ୍ଜଳି ଜ୍ଞାପନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି । ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତର ଇମାମ ନଗର ଗ୍ରାମସ୍ଥିତ ଜେନା ସଦନ ଠାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ ଓ ଶରତ ରାଉତ, ଯାଜପୁର ପୂର୍ବତନ ସାଂସଦ ରୀତା ତରେଇ, ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତ ଓ ପ୍ରଣବ ବଳବନ୍ତରାୟ, ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତରାୟ, ସମାଜସେବୀ ମୀନତି ସାହୁ ଓ ସତୀଶ ବିଶ୍ୱାଳ, ବିଜେପି ନେତ୍ରୀ ସ୍ମୃତିରେଖା ପହି ଓ କାହ୍ନୁ ଚରଣ ଦାଶ, କଂଗ୍ରେସ ନେତା କିଷାନ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ମୃତିଚରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ପ୍ରେଫେସର ବିଜୟ କୁମାର ଶତପଥୀ, ଇଂ ପ୍ରଭାକର ସ୍ୱାଇଁ, ଡକ୍ଟର ସୁଲୋଚନା ଦାସ, ଡକ୍ଟର ସୂର୍ଯ୍ୟମଣି ଖୁଁଟିଆ, ଡାକ୍ତର ବିଜୟ ଶତପଥୀ, ରୁମଝୁମ୍ ନାୟକ, ଧନଞ୍ଜୟ ସ୍ୱାଇଁ, ମୁରଲୀଧର ସାମଲ, ପବିତ୍ର ପାଣିଗ୍ରାହୀ, ପଦ୍ମଜା ଶରଣ, ସୁଚିତ୍ରା ପାଣିଗ୍ରାହୀ, ଡ. ଗୌରହରି ଦାସ, ମାନସ ସାମଲ, ତୁହିନାଂଶୁ ରଥ, ସଂଗ୍ରାମ ଜେନା, ଡ. ସସ୍ମିତା ଦାସ, ଡ. ଲୋପାମୁଦ୍ରା ଜେନା, ଡ. ଗୌତମ ଜେନା, ସାମ୍ବାଦିକ ମହେଶ୍ୱର ବଳ, ବଟକୃଷ୍ଣ ପରିଡ଼ା, ଚିନ୍ତାମଣି ପାଢ଼ୀ, ଇନ୍ଦ୍ରମଣି ନାୟକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଗୁଲାମ ଗସ୍, ଅବିନେଶ୍ୱର ଶତପଥୀ, ଅଖିଳ କୁମାର ସ୍ୱାଇଁ, ବିନୋଦ ସାହୁ, ସୁବ୍ରତ ଜେନା, ବିନୋଦ ପରିଡ଼ା, ବିବେକାନନ୍ଦ ରାୟ, କିଶୋର ରାଉତ, କୈଳାଶ ରାଉତ, ଡା ରୁଦ୍ର ନାରାୟଣ ପୃଷ୍ଟି, ଡ. ପୁରୁଷୋତମ ବିଶ୍ୱାଳ, ଡ. ରାଜ କିଶୋର ପାଢ଼ୀ, ମାଧୁରୀ ଶତପଥୀ, ସୁନାକର ସାହୁ, ଅମର ମହାନ୍ତି, ଦୟାନିଧି ନାୟକ ଓ ଭୁବନ ମହାନ୍ତି ପ୍ରମୁଖ ସ୍ୱର୍ଗତା ଜେନାଙ୍କ ସ୍ମୃତିଚାରଣ ପୂର୍ବକ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଗତା ଜେନାଙ୍କ ପତି ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ସରପଞ୍ଚ ତ୍ରିଲୋଚନ ଜେନା ଓ ପବିତ୍ର ମୋହନ ଜେନାଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଫାଷ୍ଟଫୁଡ୍ ମାଲିକଙ୍କ ଆକ୍ରମଣରେ ନାବାଳକଙ୍କ ମୃତ୍ୟୁ ମାମଲା: ଜଣେ ଗିରଫ

**ଯାଜପୁର, ୧୮ ।୨(ସମିସ):** ଯାଜପୁର ସଦର ଥାନା ଅନ୍ତର୍ଗତ ସାହାସପୁର ପଞ୍ଚାୟତ ଶିବାଛକରେ ଏକ ଚାଓମିନ ଦୋକାନରେ ଗତ ୯ ତାରିଖ ରାତିରେ ଘଟିଥିବା ନାବାଳକଙ୍କୁ ଆକ୍ରମଣ ଓ ମୃତ୍ୟୁ ଘଟଣାରେ ଯାଜପୁର ସଦର ପୋଲିସ ଆଜି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ମୋଟ ୪ ଜଣଙ୍କ ନାମରେ ମାମଲା ରୁଜୁ କରିଛି । ଏହି ଘଟଣାରେ ଅଭିଯୁକ୍ତ କମଳ କୁମାର ମଲ୍ଲିକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମମହୋତ୍ସବ
# 'ମଣିଷର ଅନ୍ତରକୁ ଦେବତୁଲ୍ୟ କରି ଗଢ଼ିତୋଳିବା ସତ୍‌ସଙ୍ଗର ଉଦ୍ଦେଶ୍ୟ'

**ପ୍ରୀତିପୁର, ୧୮ ।୨ (ସମିସ)**

ମଣିଷର ଅନ୍ତରକୁ ଦେବତୁଲ୍ୟ କରି ଗଢି ତୋଳିବା ପାଇଁ ସତସଙ୍ଗ ଆନ୍ଦୋଳନ ଅଭିପ୍ରେତ ବୋଲି ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜନ୍ମମହୋତ୍ସବ ଓ ସତ୍‌ସଙ୍ଗ ବିହାର ବିଞ୍ଝାରପୁରର ତୃତୀୟ ବାର୍ଷିକ ଉଦ୍‌ବୋଧନୀ ସ୍ମୃତି ମହୋତ୍ସବରେ ଯୋଗଦେଇ ବକ୍ତା ଓ ଅତିଥି ମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ମାଁସଡା ପଞ୍ଚାୟତ ତଥା ଗୌଡସାହି ଗ୍ରାମରେ ରସିକ ଛକ ସନ୍ନିକଟ ସତ୍‌ସଙ୍ଗ ବିହାର ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ଅଡମିନ୍ ବିଜୟ ପାତ୍ରଙ୍କ ସଂଯୋଜନାରେ ଦୀକ୍ଷାପତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସକାଳ ୯ ଘଟିକା ସମୟରେ ରତନଲାଲ ଭୂୟାଁଙ୍କ ପରିଚାଳନାରେ ସଙ୍ଗୀତାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆକାଶବାଣୀ କଳାକାର ଶରତ କୁମାର ସାହୁ, ଅଜୟ କୁମାର ନାୟକ, ଗାୟତ୍ରୀ ସାହୁ, ଆଦ୍ୟାଶା ଦଳେଇ, ଶୁଭଶ୍ରୀ ସାହୁଙ୍କ ସମେତ ବହୁ କଳାକାର ଭଜନ ପରିବେଷଣ କରିଥିଲେ । ସହପ୍ରତିଋତ୍ୱିକ ଶୁଭଙ୍କର ସାହୁଙ୍କ ପରିଚାଳନାରେ ବେଢ଼ାପରିକ୍ରମା କୀର୍ତନ ଅନୁଷ୍ଠିତ ହୋଇଥିଲା । ସକାଳ



୧୧. ୩୦ ମିନିଟ ସମୟରେ ସତସଙ୍ଗ କାର୍ଯ୍ୟକ୍ରମରେ ଯାଜପୁର ସତସଙ୍ଗ ବିହାରର ସମ୍ପାଦକ ସହପ୍ରତିଋତ୍ୱିକ ଅଚ୍ୟୁତାନନ୍ଦ ପତି ଅଧକ୍ଷତା କରିଥିଲେ । ମୁଖ୍ୟ ବକ୍ତା ଭାବରେ ଡ. ବିଜୟ କୁମାର ନାୟକ ଯୋଗ ଦେଇଥିଲେ । ସମ୍ମାନିତ ବକ୍ତା ଭାବରେ ସହପ୍ରତିଋତ୍ୱିକ ରାଜେନ୍ଦ୍ର ପରିଡ଼ା ଯୋଗ ଦେଇଥିଲେ । ସତ୍‌ସଙ୍ଗର ଯୁବକର୍ମୀ ସ୍ୱାଧୀନ କୁମାର ଦାଶ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସହପ୍ରତିଋତ୍ୱିକ ରତନଲାଲ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ । ସହପ୍ରତିଋତ୍ୱିକ ଅଶୋକ କୁମାର ଧଳ, ଭିକାରୀ ଚରଣ ନାୟକ, ଅଧ୍ୱର୍ଯ୍ୟୁ ବଳରାମ ସାହୁ, ଯାଜକ କର୍ମୀ ରବିନାରାୟଣ ସାହୁ, ପ୍ରଶାନ୍ତ କୁମାର ସାହୁ, ଅଧ୍ୟାପକ ପ୍ରଦୀପ କୁମାର ରାଉଳ, କୃଷ୍ଣଚନ୍ଦ୍ର କାଣ୍ଡି, ପ୍ରହଲାଦ ପଣ୍ଡା, ଦାଶରଥୀ ଜେନା, ସରୋଜ କୁମାର ପଣ୍ଡା, ଶ୍ରୀଧର କବି, ଜ୍ୟୋତି ରଞ୍ଜନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ । ଅପରାହ୍ନ ୩ ଘଟିକା ସମୟରେ ସବିତା ଦାସଙ୍କ ସଂଯୋଜନାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ଗୋଷ୍ଠୀଶିକ୍ଷା ଅଧିକାରିଣୀ ରେଣୁବାଳା ଦେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମାତୃସମ୍ମିଳନୀରେ ଭୁବନେଶ୍ୱରରୁ ଆସିଥିବା ପ୍ରତିଭା ମାଆ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟ ଦର୍ଶନ ଓ ମାଆ ମାନଙ୍କର ଭୂମିକାକୁ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସୌଦାମିନୀ ଜେନା, ଅନୁପମା ଜେନା, ରଶ୍ମୀ ନାୟକ, ବୈଜୟନ୍ତୀ ଧଳ, ନମିତା ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ଏହାପରେ ଯୁବ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା । ସହପ୍ରତିଋତ୍ୱିକ ରତନଲାଲ ଭୂୟାଁ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଅନୀଶ ସାହୁମ ଧୃତିସୁନ୍ଦର ସାହୁ, ଅଲିଭା ବାରିକ ଓ ସହପ୍ରତିଋତ୍ୱିକ ଅଶୋକ କୁମାର ଧଳ ଯାଜନ ପରିବେଷଣ କରିଥିଲେ । ଅଜୟ କୁମାର ନାୟକ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ ।

## 'ନବଭାରତ' ପକ୍ଷରୁ ଗୋ-ସୁରକ୍ଷା ପାଇଁ ଆନ୍ଦୋଳନ



**ବଡଚଣା ୧୮ ।୨(ସମିସ) :** ରାଜ୍ୟରେ ଦିନକୁ ଦିନ ଗୋ-ମାତା ଉପରେ ଅତ୍ୟାଚାର ବଢ଼ିଚାଲିଛି । ଏହାର ପ୍ରତିବାଦରେ ଆଜି ନବଭାରତ ସଂଗଠନ ପକ୍ଷରୁ ଚଣ୍ଡିଖୋଲଠାରେ ଓଡ଼ିଶାରୁ ଗୋ ଚାଲାଣ ବନ୍ଦ, ଗୋହତ୍ୟା ନିଷେଧ, ଗୋମାଂସା ଚାଲାଣ, ଗୋମାତାକୁ ରାଜ୍ୟ ମାତା ଘୋଷଣା ପ୍ରମୁଖକୁ ଦୃଢ଼ତାର ସହ କାର୍ଯ୍ୟ କାରି କରିବା ସହ ରାଜ୍ୟରେ ଅବାଧ ଭାବରେ ପ୍ରବେଶ କରି ରହୁଥିବା ରୋହିଙ୍ଗା ଓ ବାଙ୍ଗଲାଦେଶୀ ମାନଙ୍କୁ ଚିହ୍ନଟ କରାଯାଇ ଆଇନ ଅନୁଯାୟୀ ବିତାଡିତ କରିବା ଦାବିରେ ଚଣ୍ଡିଖୋଲ ବୁଦ୍ଧ ମୂର୍ତ୍ତୀ ନିକଟରେ ଆନ୍ଦୋଳନ କରାଯାଇଛି । ସଂଗଠନର ଆବାହକ ସତ୍ୟରଞ୍ଜନ ନାୟକଙ୍କ ନେତୃତ୍ୱରେ ଅଭିମନ୍ୟୁ ମହାକୁଡ଼, ରାଜେଶ ନାୟକ, ସଞ୍ଜୟ ପରିଡ଼ା, ଅଶିନୀ ସାହୁ, ଇନ୍ଦ୍ରମଣି ପଣ୍ଡା, ରାଜା ଗେଡ଼ି, ଅଚ୍ୟୁତ ମହାଳିକ, ଅଭୟ ଅଶ୍ୱନୀ, ସଞ୍ଜୀବ ରାଉତ, ସୋନୁ ସେଠୀ, ପ୍ରିୟବ୍ରତ ନାୟକ, ଆଦିତ୍ୟ ନନ୍ଦ, କମଳକିରଣ ଦାସ ପ୍ରମୁଖ ବହୁ ସଦସ୍ୟ ସାମିଲ ହୋଇ ଆନ୍ଦୋଳନ ଓ ପ୍ରତିବାଦ କରିଥିଲେ । ଶେଷରେ ସଦସ୍ୟ ଅଭିନାଶ ମିଶ୍ର ଧନ୍ୟବାଦ ଦେଇଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏସ୍‌ଡିପିଓ ଲକ୍ଷ୍ମୀଧର ଦାସ, ଓଆଇସି ସୁରେନ୍ଦ୍ର ଜେନା ସମେତ ବହୁ ପୁଲିସ ଉପସ୍ଥିତ ଥିଲେ ।

## ଆରମ୍ଭ ହେଲା ଯୁକ୍ତ ୨ ପରୀକ୍ଷା, ପ୍ରଥମ ଦିନରେ ୧୬ ପରୀକ୍ଷାର୍ଥୀ ଅନୁପସ୍ଥିତ

# ଭଦ୍ରକ ଜିଲ୍ଲାରେ କଳା, ବାଣିଜ୍ୟ ଓ ବିଜ୍ଞାନରେ ମୋଟ ୧୨ ହଜାର ପରୀକ୍ଷାର୍ଥୀ

**ଭଦ୍ରକ,୧୮ ।୨(ସମିସ):** ଭଦ୍ରକ ଜିଲ୍ଲାରେ ଆଜିଠାରୁ ଆରମ୍ଭ ହୋଇଛି ଯୁକ୍ତ ୨ ପରୀକ୍ଷା। ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଦିନ ୧ଟାରେ ସରିବ। ପ୍ରଥମ ଦିନରେ ବିଜ୍ଞାନ ବିଭାଗର ପରୀକ୍ଷା ଅନୁଷ୍ଠିତ ହୋଇଛି। ଭଦ୍ରକ ଜିଲ୍ଲାରେ ଯୁକ୍ତ କଳାରେ ୭,୮୫୨ଜଣ, ବାଣିଜ୍ୟରେ ୧,୨୪୧ଜଣ, ବିଜ୍ଞାନରେ ୨,୭୬୫ଜଣ ଓ ଧନ୍ଦାମୂଳକରେ ୩୧୨ଜଣ ପରୀକ୍ଷା ଦେବେ। ମୋଟ ୧୨ହଜାର ୧୨୦ପରୀକ୍ଷାର୍ଥୀ ଯୁକ୍ତ ୨ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ସୂଚନା ମିଳିଛି। ଆଜି ପ୍ରଥମ ଦିବସ ପରୀକ୍ଷାରେ ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀମାନେ ଏମ୍ଆଇଏଲ୍ (ଓଡ଼ିଆ) ପରୀକ୍ଷା ଦେଇଛନ୍ତି। ତେବେ ପ୍ରଥମ ଦିବସ ପରୀକ୍ଷାରେ ୧୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସୂଚନା ମିଳିଛି। କୌଣସି ପରୀକ୍ଷାର୍ଥୀ ଏମ୍ପି ହୋଇ ନଥିବା ଜଣାଯାଇଛି। ଏହାର ପରଦିନ ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଆରମ୍ଭ ହେବ। ଅନ୍ୟପକ୍ଷରେ ଭଦ୍ରକ ଜିଲ୍ଲା ଉକ୍ତ ପରୀକ୍ଷା ଲାଗି ୫ଟି ହବ କରାଯାଇଛି ଓ ୩୭ଟି ପରୀକ୍ଷା କେନ୍ଦ୍ର ରହିଛି। ୫ଟି ହବ୍ ଭଦ୍ରକ, ପାଳିଆବିନ୍ଧା, ଧାମନଗର, ବାସୁଦେବପୁର ଓ ଆଗରପଡାରେ ହୋଇଛି। ପ୍ରତି ପରୀକ୍ଷା କେନ୍ଦ୍ର ଗୁଡିକରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ପରୀକ୍ଷା କେନ୍ଦ୍ରକୁ ମୋବାଇଲ ବାରଣ କରାଯାଇଛି। ଅଦୀକ୍ଷକ କିମ୍ବା କୌଣସି କର୍ମଚାରୀ ମୋବାଇଲ ବ୍ୟବହାର ଉପରେ କଟକଣା କରାଯାଇଛି। କପି ରୋକିବା ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତ୍ରିସ୍ତରୀୟ ସ୍କ୍ୱାଡ ବ୍ୟବସ୍ଥା କରାଯାଇଛି।

# ମଣ୍ଡି ବଦଳରେ ବ୍ୟକ୍ତିଗତ ଜାଗାରୁ ଧାନ ଚାଲାଣ; ଗାଡ଼ି ଜବତ

**ଧାମନଗର, ୧୮ ।୨(ସମିସ)**

ଧାମନଗର ବ୍ଲକର ଚୂଡାକୁଟି ସେବା ସମବାୟ ସମିତିରେ ଗତ ଜାନୁଆରୀ ୫ରେ ଜିଲ୍ଲାସ୍ତରୀୟ ଧାନ ମଣ୍ଡି ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନର ଅନେକ ତଦାରଖ ଓ ତାଗିଦ ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଧାନ କିଣାରେ ଅନିୟମିତତା ସାମନାକୁ ଆସୁଛି। ସୂଚନା ଅନୁସାରେ, ଚୂଡାକୁଟୀ ସମିତିର ସମ୍ପାଦକ ଅରୁଣଉଦୟ ପାତ୍ର ସରକାରୀ ନିୟମକୁ ସମ୍ପୂର୍ଣ ଭାବେ ଉଲଘଂନ କରି ମଣ୍ଡିରେ ଗଚ୍ଛିତ ଥିବା ଧାନ ମିଲରକୁ ହସ୍ତାନ୍ତର ନକରି ବେଆଇନ ଓ ମନମୁଖୀ ଭାବେ ଏକ ବ୍ୟକ୍ତିଗତ ଜାଗାରୁ ମିଲର ପଠେଇଥିବା ଟ୍ରକରେ ଧାନ କ୍ରୟ କରୁଥିଲେ। ବିଶେଷ ସୂତ୍ରରୁ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ଖବର ପାଇ ଚୂଡାକୁଟି ଦଇପୁର ନାରାୟଣପୁର ରାସ୍ତା ପାର୍ଶ୍ୱରେ ଉକ୍ତ ଟ୍ରକରେ ଲୋଡ ହେଉଥିବା ଝୋଟ ଅଖା ବୋଝେଇ ଧାନ ଗାଡ଼ିକୁ ଦୀର୍ଘ ସମୟ ଧରି ତଦନ୍ତ କରିଥିଲେ। ଉକ୍ତ ତଦନ୍ତ ପରେ



ବେଆଇନ ଭାବେ ସମ୍ପାଦକ ଶ୍ରୀ ପାତ୍ର ଧାନ ଗାଡ଼ିକୁ ଚାଲାଣ କରୁଥିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଏ ସଂପର୍କରେ ଜିଲ୍ଲା ସହକାରୀ ଯୋଗାଣ ଅଧିକାରୀ ଶରତଚନ୍ଦ୍ର ବେହେରା କହିଛନ୍ତି, ସରକାରୀ ନିୟମ ଅନୁସାରେ ଚାଷୀ ଧାନ ମଣ୍ଡିକୁ ଆଣି ବିକ୍ରି କରିବା ପରେ ମଣ୍ଡିରୁ ଧାନ ମିଲକୁ ଯିବା କଥା କିନ୍ତୁ ସମ୍ପାଦକ ଶ୍ରୀ ପାତ୍ର ସିଧାସଳଖ ଚାଷୀଙ୍କ ପାଖରୁ ମିଲ ଗାଡ଼ି ପଠେଇ ଧାନ ଉଠେଇ ଥିଲେ, ଯାହାକି ସଂପୂର୍ଣ୍ଣ ବେଆଇନ। ଏପଟେ ସମ୍ପାଦକ ଶ୍ରୀ ପାତ୍ର ମଧ ମାନିଛନ୍ତି ଯେ ସମ୍ବଲପୁର ଜିଲ୍ଲା କଳିଙ୍ଗ ମିଲରୁ ଆସିଥିବା ୧୪ ଚକିଆ ଟ୍ରକକୁ ଚାଷୀଙ୍କଠାରୁ ଆଣିବା ପାଇଁ ପଠେଇଥିଲେ। ଏଥିରେ ପାଖାପାଖି ୬ ଶହ ଅଖା ବେଗ ଧାନ ବୋଝେଇ ଗାଡ଼ିକୁ ସମ୍ପାଦକ ଲିଖିତ ଭାବେ ନିଜ ଜିମା ତଥା ହେପାଜତରେ ରଖିବେ ସୂଚନା ମିଳିଛି। ଏହାର ସବିଶେଷ ରିପୋର୍ଟ ଜିଲ୍ଲାପାଳଙ୍କୁ ହସ୍ତଗତ କରାଯିବ।

ସୂଚନାଯୋଗ୍ୟ, ଧାମନଗର ବ୍ଲକର ୧୨ଟି ସମବାୟ ସମିତି ଓ ୩ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ସରକାରୀ ଭାବେ ଧାନ ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଉଛି। ଧାନ କ୍ରୟରେ କଟନୀ ଛଟନୀକୁ ନେଇ ମଧ ଚାଷୀ ଆନ୍ଦୋଳନ ହେଉଥିବା ବେଳେ ଜିଲ୍ଲାପାଳ ଦିଲୀପ ରାଉତରାଏ ଏହାର ସତ୍ୟତା ଉନ୍ମୋଚନ କରିସାରିଛନ୍ତି। ଅନ୍ୟପକ୍ଷରେ, ଆସନ୍ତା ୧୯ ତାରିଖରୁ ସମ୍ଭାବ୍ୟ ବର୍ଷାକୁ ଲକ୍ଷ୍ୟରେ ରଖି ମଣ୍ଡିରେ କିଣା ହୋଇ ପଡ଼ିଥିବା ଧାନକୁ ସମ୍ପୃକ୍ତ ମିଲରଙ୍କୁ ଦେବା ଏବଂ ଯେଉଁ ଚାଷୀଙ୍କର ଟୋକନ କଟିବାର ସମ୍ଭାବନା ଅଛି। ଟୋକନ ଅବଧି ଶେଷ ତାରିଖ ପୂର୍ବରୁ ଅତିରିକ୍ତ ଅବଧି ପାଇଁ ନିଜ ମଣ୍ଡି ଲଗଇନ୍ ରେ ପି ପାସ ମାଧ୍ୟମରେ ଡିଆରସିଏସଙ୍କୁ ଜଣାଇବେ। ଏହାସହ ଆଗାମୀ ୩-୪ ଦିନ ଧାନ କିଣା ନକରିବାକୁ ଜିଲ୍ଲାପାଳ ଗତ ୧୫ତାରିଖରେ ପ୍ରତ୍ୟେକ ଧାନମଣ୍ଡି ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ

**ଦୋବଲ,୧୮ ।୨(ସମିସ):** ଦୋବଲ ଜୋନ ଅନ୍ତର୍ଗତ ବିରୁହା ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ରାମେଶ୍ୱରପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ସାଧନ କେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା ମେଳାରେ ପ୍ରଧାନଶିକ୍ଷକ ଧନେଶ୍ୱର ମହାଳିକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ଶିକ୍ଷକ ନେତା ସନ୍ତୋଷ ଲେଙ୍କା, ସାମ୍ବାଦିକ ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ସିଆରସିସି ହବିବୁଲ କରିମି, ପ୍ରଧାନଶିକ୍ଷକ ଅରୁଣ ବାରିକ, ଅର୍ଜୁନଚରଣ ଦତ୍ତ, ଶିକ୍ଷାବିତ ଉମାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ଶିକ୍ଷା ସାମଗ୍ରୀ ମେଳାରେ ଅଂଶଗ୍ରହଣ କରିଥିଲେ। ଅଜୟ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ୧୦୮ ମହାଦେବଙ୍କ ଜନ୍ମବାର୍ଷିକୀ



**ବାରିକପୁର, ୧୮ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନପଗଁ ଭୋଳେଶ୍ୱର ପୀଠରେ ପ୍ରତିଷ୍ଠିତ ୧୦୮ ମହାଦେବଙ୍କ ତୃତୀୟ ଜନ୍ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟପୂଜକ ଜ୍ଞାନରଞ୍ଜନ ମିଶ୍ର, ନରେନ୍ଦ୍ର ମିଶ୍ର, ସଂଗ୍ରାମ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିବା ବେଳେ ହୋମଯଜ୍ଞ ସହିତ ଉତ୍ସବ ଉଦଯାପିତ ହୋଇଥିଲା। ଭୋଳେଶ୍ୱର ପୀଠର ମଠାଧୀଶ ତଥା ୧୦୮ ମହେଦେବଙ୍କ ପ୍ରତିଷ୍ଠାତା ବାବା ବଟକୃଷ୍ଣ ଦାସଙ୍କ ଦ୍ୱାରା ବାର୍ଷିକ ଜନ୍ମ ଉତ୍ସବ ଆୟୋଜନ ହୋଇଥିଲା। ଏକଦିବସୀୟ କାର୍ଯ୍ୟକ୍ରମକୁ ବାବା ଉଷାକାନ୍ତ ମିଶ୍ର, ସୁଧାକର ବେହେରା, ମନୋରଞ୍ଜନ ମହାନ୍ତି, ଅଜୟ ବାରିକ, ଚଗୁଲୁ ଜେନା ପ୍ରମୁଖ ପରିଚାଳନା କରିଥିଲେ। ନପଗଁ ସମେତ ମାଳଦା, ଚତୁର୍ଭୁଜପୁର ଜଳହରି, ସାରଣା, ଜୋରାଗଡିଆ, ଭାଟଣା, ସିମିଳିଆ, ମାଳିପଦୀ, ବିରୋଳି ପ୍ରମୁଖ ଗ୍ରାମର ଶହଶହ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ବ୍ଲକ୍ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା



**ଧାମନଗର, ୧୮ ।୨(ସମିସ):** ଧାମନଗର ଏନଏସି କଲ୍ୟାଣ ମଣ୍ଡପରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଶିବିର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଭଦ୍ରକ ଆନୁକୂଲ୍ୟରେ ଧାମନଗର ସହକାରୀ ଉଦ୍ୟାନ କୃଷି ଅଧିକାରୀ କୁଞ୍ଜବିହାରି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ବରେଣ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ବ୍ଲକ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା, ଚାନ୍ଦବାଲି ସହକାରୀ ଉଦ୍ୟାନ କୃଷି ଅଧିକାରୀ ସାଧନା ପଣ୍ଡା, ଭଦ୍ରକ କୃଷି ବିଭାଗ ଯନ୍ତ୍ରୀ ସ୍ୱୟଂଙ୍କା ଦାସ, ସମ୍ପ୍ରସାରଣ ଅଧିକାରୀ ଦିଲ୍ଲୀପ ସାହୁ, ମନୋଜ ନନ୍ଦି, ମହେନ୍ଦ୍ର ଭୂୟାଁ, ହରିହର ଗୋଛାୟତ ଯୋଗ ଦେଇଥିଲେ। ଧାମନଗର ବ୍ଲକର ଶତାଧିକ ଚାଷୀ ଏବଂ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## ଶିକ୍ଷକ ସୁଧାକର ବାଇଙ୍କ ସ୍ମୃତିସଭା



**ଅସୁରାଳି,୧୮ ।୨(ସମିସ):** ଧୂଷୁରୀ ଅନ୍ତର୍ଗତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ ସ୍ୱର୍ଗତ ସୁଧାକର ବାଇଙ୍କ ସ୍ମୃତିସଭା ଅଧ୍ୟାପକ ରବୀନ୍ଦ୍ର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ଅଧକ୍ଷ ପଣ୍ଡିତ ନୃସିଂହ ଚରଣ ନାୟକ, ସମାଜସେବୀ ଚତୁର୍ଭୁଜ ନାୟକ, ପ୍ରଦୀପ୍ତ କିଶୋର ଦାସ, ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ ସୁତାର, ବଲେଖଚନ୍ଦ୍ର ନାୟକ, ସମ୍ପାଦକ ସୁଧୀର ନାୟକ, ଟ୍ରଷ୍ଟି ମଧୁମିତା ନାୟକ, ନଦିଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ଉପସଭାପତି ନିରୋଦ ନାୟକ, ଯୁଧିଷ୍ଠିର ମହାପାତ୍ର, ସାମ୍ବାଦିକ ରତିକାନ୍ତ ନାୟକ, ଅପା ପୁଷ୍ପଲତା ତରାଇ, ଛାତ୍ରୀ ପ୍ରଜ୍ଞା ପରମିତା ପତି ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷାକେନ୍ଦ୍ରର ସମସ୍ତ ଛାତ୍ରଛାତ୍ରୀ, ଅପା, ଭାଇ ଏବଂ ଅଭିଭାବକମାନେ ଯୋଗଦାନ କରିଥିଲେ। ଶିକ୍ଷକ ସୁଧାକର ବାଇଙ୍କ ବିୟୋଗରେ ଶିକ୍ଷା କେନ୍ଦ୍ର ରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ



**ବନ୍ତ/ଆଗରପଡ଼ା, ୧୮ ।୨(ସମିସ):** ଆଗରପଡ଼ା ନିମଟସ୍ଥ ବାଦା ପଞ୍ଚାୟତ ବରଦା ଗ୍ରାମ ମା'ଭଗବତୀଙ୍କ ମନ୍ଦିର ପ୍ରାଙ୍ଗଣରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରାର୍ଥନା ଓ ଉଷା କୀର୍ତ୍ତନ ସହିତ ନଗର ପରିକ୍ରମା ପରେ ଶରତଚନ୍ଦ୍ର ପତିଙ୍କ ସଂଚାଳନରେ ସତସଙ୍ଗ କାର୍ଯ୍ୟ ଆରମ୍ଭ ହୋଇଥିଲା। ସହଯୋଗ କରିଥିଲେ ଖଇରା ଶ୍ରୀମନ୍ଦିର ସଭାପତି ରବିନାରାୟଣ ମିଶ୍ର। ସୋରରୁ ଅତନୁ ଭାଇ, ଆଗରପଡ଼ାରୁ ଜଇନୁଲ ଆବେଦିନ ଭାଇ, ଯୁବ କର୍ମୀ ସୁରେଶ ମାଝୀ ଭାଇ ଏବଂ ଖଇରା ଶ୍ରୀମନ୍ଦିରରୁ ସଂଜୟ ଭଞ୍ଜରାୟ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସାମିଲ ହୋଇଥିଲେ। ପରେ ସମସ୍ତ ମା' ଓ ଗୁରୁମା'ଙ୍କ ଦ୍ୱାରା ମାତୃ ସମ୍ମିଳନୀକୁ ପବିତ୍ର ସାହୁ ସଞ୍ଚାଳନ କରିଥିଲେ। ଦିବସବ୍ୟାପୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବରଦା ସରପଞ୍ଚ ପରିକ୍ଷୀତ ମହାପାତ୍ର। ଅବସରପ୍ରାପ୍ତ ଶିକ୍ଷକ ଗୁରୁଭାଇ ଚକ୍ରଧର ଜେନା, ପଦ୍ମଲୋଚନ ସେଠୀ, ସୁଦାମ ଚରଣ ସାହୁ, ପରେଶ ବାରିକ, ସତ୍ୟବାନ ତ୍ରିପାଠୀ, ବିମଳ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କୁ ଛଟେଇ ବେଦାନ୍ତ ଶ୍ରମିକଙ୍କ ଦାବିପତ୍ର




**ଭଦ୍ରକ, ୧୮ ।୨(ସମିସ):** ଦୁଇ ବର୍ଷ ଧରି ବେଦାନ୍ତ କମ୍ପାନୀରେ କାର୍ଯ୍ୟ କରିଥିବା ଛଟେଇର ଶିକାର ଶ୍ରମିକମାନେ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ୩ ମାସ ହେଲା କମ୍ପାନୀ ତା'ର ଗୋଟିଏ ଫର୍ନେଶକୁ ବିଭିନ୍ନ ବାହାନା କରି ବନ୍ଦ କରି ସହ ପ୍ରାୟ ୩୦୦ କାର୍ଯ୍ୟରତ ଶ୍ରମିକଙ୍କୁ ସାମୂହିକ ଭାବେ କାର୍ଯ୍ୟରୁ ଛଟେଇ କରିଥିବା ବେଳେ ଗତ ୧୧ ତାରିଖ ବେଦାନ୍ତ ଅଧୀନସ୍ଥ ଠିକାଦାର ସମସ୍ତ ଶ୍ରମିକଙ୍କୁ ଛଟେଇ କରିଛନ୍ତି। ଫଳରେ ଶ୍ରମିକମାନେ ସେମାନଙ୍କ ପରିବାର ପ୍ରତିପୋଷଣ କରି ନପାରି ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ ସଂପୃକ୍ତ ପିଏପିଏଲ ଠିକାଦାରଙ୍କୁ ବାହାର କଲେ ସେମାନଙ୍କ କୌଣସି ଆପତ୍ତି ନାହିଁ; ହେଲେ ବିଗତ ୨ ବର୍ଷ ଧରି କାମ କରୁଥିବା ଶ୍ରମିକମାନଙ୍କୁ କମ୍ପାନୀ ପୁନର୍ବାର ନିଯୁକ୍ତି କରୁ ବୋଲି ଦାବି କରିଛନ୍ତି। ନଚେତ୍ ୭ଦିନ ପରେ ଛଟେଇ ହୋଇଥିବା ଶ୍ରମିକମାନେ ବାଧ ହୋଇ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଶ୍ରମିକ ପ୍ରତିନିଧି ଦଳରେ ଉମାକାନ୍ତ ରାଉତ, ନିତ୍ୟଶଙ୍କର ବେହେରା, ଅମିୟ ମହାନ୍ତି, ବିଜୟ ମହାନ୍ତି, ସଂଗ୍ରାମକେଶରୀ ନାୟକ, ବିସ୍ମୟ ସାମଲ, ସୁଶାନ୍ତ ବେହେରା, ସତ୍ୟବ୍ରତ ତ୍ରିପାଠୀ, ଖଗେଶ୍ୱର ସ୍ୱାଇଁ, ଅମର ଜେନା ପ୍ରମୁଖ ସାମିଲ ଥିଲେ।

## ଅନ୍ତର୍ଜାତୀୟ ପାରା ଫେନ୍ସିଂରେ ଭାଗନେବେ ରାଖାଲ ସେଠୀ

**ଭଣ୍ଡାରିପୋଖରୀ, ୧୮ ।୨(ସମିସ):** ଭଣ୍ଡାରିପୋଖରୀ ମାଟିର ପୁଅ ରାଖାଲ ସେଠୀ ଅନ୍ତର୍ଜାତୀୟ ଭିନ୍ନକ୍ଷମ ପାରା ଫେନ୍ସିଂ ବିଶ୍ୱ କପ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବ୍ରାଜିଲର ସାଓ ପାଓଲେ ସହରରେ ଚଳିତ ମାସ ୨ ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଭାରତ ପକ୍ଷରୁ ଶ୍ରୀ ସେଠୀ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ କଠିନ



ଅଭ୍ୟାସ ଜାରି ରଖିଥିବା ଜଣାଯାଇଛି। ୨୦୨୪ ମସିହାରେ ରାଖାଲ ଜାତୀୟ ଚାମ୍ପିଅନସିପରେ ୫ଟି ମେଡାଲ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ୪ଟି ମେଡାଲ ଜିଣି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଚଳିତ ବର୍ଷର ପ୍ରଥମ ଆନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଟାଙ୍କିରେ ନାହିଁ ପାଣି, ପାଇପ୍ ବିଛାରେ ସୀମିତ ବସୁଧା ପ୍ରକଳ୍ପ

**ଅସୁରାଳି, ୧୮ ।୨(ସମିସ):** ଧାମନଗର ବ୍ଲକରେ ପାନୀୟଜଳ ଯୋଗାଣ ବିଭାଗ ଏବେ ଦିଗହରା ହୋଇ ପଡିଛି। ବିଭିନ୍ନ ପଞ୍ଚାୟତରେ ବସୁଧା ଯୋଜନାରେ ଉଚ୍ଚ ପାଣିଟାଙ୍କି ଥିବାବେଳେ ସେଥିମଧ୍ୟରୁ ଅଧିକାଂଶ ସ୍ଥାନରେ ପାନୀୟଜଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି। କୋଟି କୋଟି ଟଙ୍କାର ପ୍ରକଳ୍ପ ମାତ୍ର ଉପକୃତ ହେଇ ପାରୁ ନାହାନ୍ତି ଜନତା। ଏବେ ଖରା ଓ ତାତି ବଢ଼ିଲାଣି। ଧାମନଗର ଅଞ୍ଚଳରେ ଏବେ ଜଳ ସଙ୍କଟ ଦେଖା ଦେଲାଣି। ବ୍ଲକର ଅଧିକାଂଶ ପାଇପ ଜଳ ଯୋଗାଣ ପ୍ରକଳ୍ପ ଅକାମୀ ହୋଇ ପଡିଥିବାରୁ ଆଉ କିଛି ଦିନ ପରେ ଏହା ଉତ୍କୃଷ୍ଟ ରୂପ ଧାରଣ କରିବା ସମ୍ଭାବନା ରହିଛି। ଏହି ବ୍ଲକର କୋଠାର ପଞ୍ଚାୟତର ବିଭିନ୍ନ ଗାଁରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ସେହିପରି ଗୋବିନ୍ଦପୁର ପଞ୍ଚାୟତର ପଡିଆଠାରେ ଥିବା ପାଣି ଟାଙ୍କିରୁ ମଧ ଗ୍ରାମକୁ ପାଣି ଯୋଗା ଯାଉ ନାହିଁ। ସେହିପରି ଖପର ପଦା, କଟ ସାହି, ଅସୁରାଳି, ଗଡ଼ିଆଲିରେ ଲୋକମାନେ ପାନୀୟ ଜଳ ପାଉନାହାନ୍ତି। ପ୍ରାୟ ଏକ ହଜାର ଘରକୁ ପାଇପ ବିଛା ଯାଇ ଷ୍ଟାଣ୍ଡ ପୋଷ୍ଟ କରାଯାଇଛି ବୋଲି ଜଳ ଜୀବନ ମିଶନ- ହର ଘର ଜଳ ପୋର୍ଟାଲରୁ ଜଣାପଡିଛି। ସେହିପରି ଲୋକମାନେ କିପରି ଭଲରେ ପାଣି ପାଇପାରିବେ, ସେଥିଲାଗି ପାଣି ସମିତି ହୋଇଛି। ହେଲେ ବାସ୍ତବ ସ୍ଥିତି ସଂପୂର୍ଣ୍ଣ ଅଲଗା। ଏସବୁ ଜନବସତିକୁ ପାଇପ ବିଛା ସରିଛି। ହେଲେ ସବୁ ଲୋକଙ୍କ ଘର ଦୁଆରେ ଷ୍ଟାଣ୍ଡ ପୋଷ୍ଟ ହୋଇନାହିଁ କି ମୁଖ୍ୟ ପାଇପ୍‌ରୁ କନେକସନ ଦିଆଯାଇନାହିଁ। ସେହିପରି ଅଧିକାଂଶ ଜନବସତିରେ ମୁଖ୍ୟ ପାଇପରୁ ଯାଇଥିବା ଡେଲିଭରି ପାଇପ୍ ଫାଟିଗଲାଣି। ରାସ୍ତାର ମାତ୍ର ଦେଢ଼ ଇଞ୍ଚ ତଳେ ଏହିସବୁ ପାଇପ୍ ବିଛା ଯାଇଥିବାରୁ ଭାରୀ ଯାନ ଚଳାଚଳ ଫଳରେ ପାଇପଗୁଡ଼ିକ ଫାଟିଗଲାଣି। ଯାହାଫଳରେ ପାଣି ଆସିଲେ ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି କରୁଛି। ସେପଟେ ଲୋକେ ପିଇବାକୁ ପାଣି ପାଉନାହାନ୍ତି। ଯେଉଁ ଗାଁରେ ପାଇପ ବିଛା ଯାଇନାହିଁ ଓ ଯେଉଁଠି ପାଇପ ଫାଟିଛି ସେସବୁ ମରାମତି ହେଉ ନାହିଁ। ସେହିପରି କୋଠାର ପଂଚାୟତ ର କଲେଜ୍ ପାଖ ପଡିଆ ରେ ଥିବା ପାଣିଟାଙ୍କି ର କାର୍ଯ୍ୟ ମଧ ସମ୍ପୂର୍ଣ ହୋଇ ପାରି ନାହିଁ। ଆଗକୁ ଆସୁଛି ଖରା ଦିନ। ଆସନ୍ନ ଜଳାଭାବ ପରିସ୍ଥିତିକୁ ଏପଟେ ଅସମ୍ପୂର୍ଣ୍ଣ କାମକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭିନ୍ନ ସ୍ଥାନରେ ନିମ୍ନମାନର ପାଇପି ବିଛାଯାଇ ଥିବାରୁ ଅଧିକାଂଶ ସ୍ଥାନରେ ପାଇପ ଫାଟି ଯାଇଛି। ସେହିପରି ଗୋବିନ୍ଦପୁରରେ ପାଣିଟାଙ୍କି ନିର୍ମାଣ ସରିଥିବା ବେଳେ ପାଇପ ବିଛା ସରିଛି। ବିଭିନ୍ନ ସ୍ଥାନ ରେ ପାଇପି ଷ୍ଟାଣ୍ଡ ନିର୍ମାଣ ସରିଛି। ହେଲେ ଆରମ୍ଭରୁ ଅଚଳ ହୋଇଛି। ଫଳରେ ଗ୍ରାମର ଲୋକମାନେ ପାଣି ପାଉନାହାନ୍ତି। ବସୁଧା ଯୋଜନାରେ ଗାଁକୁ ପାନୀୟଜଳ ଯୋଗାଇବା ସ୍ୱପ୍ନ ପାଲଟିଛି। ତାମ୍ପଳାରେ ପାଇପ ବିଛାରେ ସୀମିତ ହୋଇଛି ବସୁଧା ଯୋଜନା।

## ସାହୁପଡ଼ା ଶିଶୁମନ୍ଦିର ବାର୍ଷିକ ଉତ୍ସବ



**ବନ୍ତ/ଆଗରପଡ଼ା, ୧୮ ।୨(ସମିସ):** ବନ୍ତ ବ୍ଲକ ଗୋପୀନାଥପୁର ପଞ୍ଚାୟତ ସାହୁପଡ଼ା ଶିଶୁମନ୍ଦିର ବାର୍ଷିକ ଉତ୍ସବ ଶିଶୁମନ୍ଦିର ସଭାପତି ରତ୍ନାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷ ମନୋରଜଂନ ଘଡ଼େଇ, ମୁଖ୍ୟବକ୍ତା ଅମୃତ ଦର୍ଶନ ପତ୍ରିକାର ସଂପାଦକ ସଂଗ୍ରାମ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥିଭାବେ ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ ପତି, ସରପଞ୍ଚ ସବିତାରାଣୀ ନାୟକ, ଆଗରପଡ଼ା ଅଞ୍ଚଳର ବରିଷ୍ଠ ବ୍ୟବସାୟୀ ଶ୍ୟାମସୁନ୍ଦର ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟ ମାୟାଧର ଦାସ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିଶୁମନ୍ଦିର ଉପଦେଷ୍ଟା କମିଟି ସଭାପତି ବଳରାମ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଶିଶୁମନ୍ଦିର ମାତୃଭାରତୀ ସଦସ୍ୟାଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ଘଡ଼େଇ ଓ ଜିଲ୍ଲା ଯୋଗ ପ୍ରଶିକ୍ଷକ ଧରଣୀଧର କରଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିଶୁମନ୍ଦିର ସଂପାଦକ ମଦନ ମୋହନ ପାଣିଗ୍ରାହୀ, ସହସଂପାଦକ ଅଶୋକ ଦାସ, ଉପସଭାପତି ସନାତନ ଦାସ, କୋଷାଧ୍ୟକ୍ଷ ଉମାକାନ୍ତ ମହାପାତ୍ର, ଗୁରୁଜୀ ରମାକାନ୍ତ ମହୁରୀ, ପ୍ରଦୀପ ପାଣିଗ୍ରାହୀ, ଭୀଷ୍ମଦେବ ଦାସ, ଗୁରୁମା ମମତାରାଣୀ ମିଶ୍ର, ସୁମତୀ ସେଠୀ, ମମତା ମହାନ୍ତି, ରାଜଶ୍ରୀ ବେହେରା, ରଶ୍ମିତା ପାଣିଗ୍ରାହୀ, ସ୍ୱର୍ଣ୍ଣଲତା ଦଳେଇ, ରୁନୁଲତା କଟୁଆଳ, ଶୁଚିସ୍ମିତା ଆଇଚ, ପଦ୍ମାବତୀ ବେହେରା ଓ ମାତୃ ଭାରତୀ ସଭ୍ୟା ସହଯୋଗ କରିଥିଲେ।

# ଆୟକରଦାତା ଆଳରେ ରାସନକାର୍ଡ ନକାଟିବାକୁ ଜନସେବା କେନ୍ଦ୍ର ପରିଚାଳକଙ୍କ ଦାବି

**ଭଣ୍ଡାରିପୋଖରୀ, ୧୮ ।୨(ସମିସ)**

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଜନସେବା କେନ୍ଦ୍ର ଓ ଗ୍ରାହକସେବା କେନ୍ଦ୍ର ପରିଚାଳକମାନେ ଆୟକରଦାତା ହୋଇଥିବା ଆଳରେ ରାସନକାର୍ଡ ନକାଟିବା ପାଇଁ ଗତ ସୋମବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି। ଜନସେବା କେନ୍ଦ୍ର ଓ ଗ୍ରାହକସେବା କେନ୍ଦ୍ର ପରିଚାଳନା ବାବଦକୁ ୧୦ ପ୍ରତିଶତ କମିଶନ ପାଇବା ପାଇଁ ଆୟକର ରିଟର୍ଣ୍ଣ ଦାଖଲ କରିବା ବାଧ୍ୟତାମୂଳକ ହୋଇଥିବାରୁ ପରିଚାଳକମାନେ ଆୟକର ରିଟର୍ଣ୍ଣ ଦାଖଲ କରିଆସୁଥିଲେ। ସଂପୃକ୍ତ



ପରିଚାଳକମାନଙ୍କ ଆୟ କମିଶନ ଭିତ୍ତିକ ଅଟେ। ଏବେ ଗ୍ରାହକମାନେ ଡିଜିଟାଲ କାରବାରକୁ ପ୍ରାଧାନ୍ୟ ଦେଉଥିବାରୁ ଜନସେବା କେନ୍ଦ୍ର ଓ ଗ୍ରାହକସେବା କେନ୍ଦ୍ର କାରବାର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଫଳରେ କମିଶନ ଅର୍ଥରେ ପରିବାର ପୋଷଣ ସମ୍ଭବ ହେଉନାହିଁ। ଏଭଳି ପରିସ୍ଥିତିରେ ଆୟକରଦାତା ଆଳରେ ଜନସେବା କେନ୍ଦ୍ର ଓ ଗ୍ରାହକସେବା କେନ୍ଦ୍ର ପରିଚାଳକଙ୍କ ରାସନ କାର୍ଡ କଟାଯିବା ଅନ୍ୟାୟ ଅଟେ। ଏହାର ପୁନର୍ବିଚାର ପାଇଁ ଚିତ୍ତରଞ୍ଜନ ନାୟକ, ସ୍ୱାଗତିକା ଜେନା, ମନୋଜ ସାହୁ, ପ୍ରଦୀପ୍ତ ସାମଲ, ଦିବାକର ସାହୁ, ପ୍ରଭାସ ନାୟକ, ଧିରେନ୍ଦ୍ର ସ୍ୱାଇଁ, ସଞ୍ଜୟ ମିଶ୍ର, ଦେବପ୍ରସନ୍ନ ମହାପାତ୍ର, ଗଣେଶ ପ୍ରସାଦ ସାହୁ, କମଳାକାନ୍ତ ପରିଡା, ପ୍ରଶାନ୍ତ ସେଠୀ, ଚିନ୍ମୟ ପାତ୍ର ପ୍ରମୁଖ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ସୁପାରିସ ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ।

## ଜିଲ୍ଲାସ୍ତରୀୟ ଇ-ଡ୍ୟାର୍ କର୍ମଶାଳା ଉଦ୍‌ଘାଟିତ

**ଭଦ୍ରକ, ୧୮ ।୨(ସମିସ):** ଏସ୍‌ପିଙ୍କ ସମ୍ମିଳନୀ କକ୍ଷରେ ଭଦ୍ରକ ଜିଲ୍ଲାର ସମସ୍ତ ଥାନାଧିକାରୀଙ୍କ ନିମନ୍ତେ ଏଏସପି ଅରୁପ ବେହେରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଆଇ-ର୍ୟାଡ୍ ଓ ଇ-ଡ୍ୟାର୍ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଆଇଆଇସି ସଡ଼କସୁରକ୍ଷା ସଂଗ୍ରାମକେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଉକ୍ତ ତାଲିମ ଶିବିରକୁ ଶ୍ରୀ ବେହେରା ଆରମ୍ଭ କରିଥିଲେ। ଦୀର୍ଘ ୩ ବର୍ଷ ଧରି ଭଦ୍ରକ ଜିଲ୍ଲାର ସମସ୍ତ ଥାନାରେ ଆଇ-ର୍ୟାଡ (ଇଣ୍ଟେଗ୍ରେଟେଡ୍ ରୋଡ ଆକ୍ସିଡେଣ୍ଟ ଡେଟାବେସ୍) ସଫଳତାର ସହ କାର୍ଯ୍ୟକ୍ଷମ ହୋଇପାରିଥିବାରୁ ଜିଲ୍ଲାର ସମସ୍ତ ଥାନାଧିକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉପଯୁକ୍ତ ବୈଷୟିକ ସହାୟତା ପ୍ରଦାନ କରିଥିବା ହେତୁ ଏନ୍ଆଇସି ଭଦ୍ରକ ଜିଲ୍ଲା କେନ୍ଦ୍ରକୁ ଧନ୍ୟବାଦ ଜଣାଇଥିଲେ। ବର୍ତ୍ତମାନ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଇ-ଡ୍ୟାର (ଇ-ଡିଟେଲ୍ଡ୍ ଆକ୍ସିଡେଣ୍ଟ ରିପୋର୍ଟ) ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିବା ସହ ଏହାର ସଫଳ ରୂପାୟନ ନିମନ୍ତେ ଥାନାଧିକାରୀଙ୍କର ସହାୟତା କାମନା କରିଥିଲେ। ଜିଲ୍ଲା ରୋଲଆଉଟ୍ ପରିଚାଳକ (ଡ଼ିଆରଏମ) ଆଦିତ୍ୟ ବାରିକ, ଜିଲ୍ଲା ଡିଆଇଓ ଭିଜୟ କୁମାର ସହଯୋଗ କରିଥିଲେ।

● ମା' ସାତଭଉଣୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

# ଗ୍ରାମାଞ୍ଚଳ ଥାନା ଇଲାକାରେ ମନ୍ଦିର ଲୁଟେରା ମାତିଛନ୍ତି

ଭଦ୍ରକ, ୧୮ ।୨(ସମିସ): ଭଦ୍ରକ ଗ୍ରାମାଞ୍ଚଳ ଥାନା ଇଲାକାରେ ମାତିଛନ୍ତି ମନ୍ଦିର ଲୁଟେରା । ଗତ ୧୫ ତାରିଖ ରାତିରେ ଏହି ଥାନା ଅଧୀନ ବହୁଦରଡା ପଞ୍ଚାୟତର ୩ଟି ସ୍ଥାନରେ ସିରିଜ ଲୁଟ୍ ହୋଇଥିଲା । ଏଥିରେ ବହୁଦରଡା ଜଗନ୍ନାଥ ମନ୍ଦିର ଓ ୧୬ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ମା'କାଳିଜ୍ରୀ ପୀଠରେ ତାଲାଭାଙ୍ଗି ଲୁଟେରାମାନେ ଦାନବାକ୍ସକୁ ଲୁଟିଥିଲେ । ଆଉ ଗତକାଲି ସାତଭଉଣୀଠାରେ ମା' ସାତଭଉଣୀ ମନ୍ଦିରରେ ୭ଟି ତାଲା ଭାଙ୍ଗି ଲୁଟିନେଇଛନ୍ତି ମା'ଙ୍କର ରୁପା ଅଳଙ୍କାର ସହ ବାସନ କୁଶନ । ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ।



ସୋମବାର ବିଳମ୍ବିତ ରାତିରେ ଉକ୍ତ ମନ୍ଦିରରେ ୩ ଜଣ ଦୁର୍ବୃତ୍ତ ପଶିଥିଲେ । ୨ଟି ରୁପା ମୁକୁଟ, ୨ଟି ରୁପା ହାର ସହ ବାସନ, କୁଶନ ସହ ବିଭିନ୍ନ ପ୍ରକାରର ଅଳଙ୍କାର ଲୁଟିଥିବା ତଦନ୍ତରୁ ଜଣାପଡ଼ିଛି । ପ୍ରାୟ ୧ କେଜି ରୁପା ସାମଗ୍ରୀ ଚୋରି ହୋଇଥିବା ନେଇ କହିଛନ୍ତି ମନ୍ଦିରର କମିଟି ସଦସ୍ୟ । ସିସିଟିଭି କ୍ୟାମେରାରେ ମନ୍ଦିର ଭିତରକୁ ପଶୁଥିବାର ୩ଜଣ ଲୁଟେରାଙ୍କ ଭିଡିଓ ନଜରକୁ ଆସିଛି । ଲୁଟେରାମାନେ ମନ୍ଦିରର ସିସିଟିଭିର ତାର କାଟିବା ସହ ଅଭିନବ ଉପାୟରେ ଚୋରି କରିଛନ୍ତି । ଏହି ଚୋରି ଘଟଣାକୁ ନେଇ ଗ୍ରାମାଞ୍ଚଳ ପୁଲିସକୁ ସୂଚନା ଦେବା ପରେ ଥାନାଧିକାରୀ ଦୟାନିଧି ଦାସ ସଦଳବଳ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ସେହିପରି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ମଧ୍ୟ ତଦନ୍ତରେ ସାମିଲ ହୋଇଛନ୍ତି । ଦେବାଳୟଗୁଡିକୁ ଲଗାତାର ଭାବେ ଲୁଟେରାମାନେ ଲୁଟ କରିବା ନେଇ ଅସନ୍ତୋଷ ବୃଦ୍ଧି ପାଇଛି ।

କୋଇଲା ଚୋରି ଧରପଗଡ଼ ବନ୍ଦ ପଡ଼ିଛି; ମାତିଲେଣି ମାଫିଆ

# ୨ଟି ସ୍ଥାନରେ ଓଲଟିଲା ଚୋରା କୋଇଲା ବୋଝେଇ ପିକ୍‌ଅପ୍

ଭଦ୍ରକ, ୧୮ ।୨(ସମିସ)

ଭଦ୍ରକ ପୁଲିସ ନିକଟ ଅତୀତରେ ଜିଲ୍ଲାରୁ ଚୋରା କୋଇଲା କାରବାର ମୂଳପୋଛ କରିବାକୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିଥିଲା । ଖୋଦ ଏସ୍‌ପି, ଆଡିସନାଲ ଏସ୍‌ପି ସିଭିଲ ଡ୍ରେସ୍‌ରେ ଏହି ଅପରେସନରେ ସାମିଲ ହୋଇ ମାଫିଆଙ୍କୁ ଦମନ କରିଥିଲେ । ତେବେ ଏବେ ଉକ୍ତ ଚୋରା କୋଇଲା ଅପରେସନ ଜିଲ୍ଲାରେ ଏକ ପ୍ରକାର ଠପ୍ ହୋଇଯାଇଛି । ଫଳରେ କିଛି ଦିନର ବିରତି ପରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି, ବାଂଶଡା ଓ ପୀରହାଟ ଆଦି ଥାନାଞ୍ଚଳରେ ଏବେ ପୁଣି ମାତିଲେଣି ଚୋରା କୋଇଲା ମାଫିଆ । ଏହିକ୍ରମରେ ଦୁଇଟି ସ୍ଥାନରେ ଚୋରା କୋଇଲା ବୋଝେଇ ହୋଇ ଯାଉଥିବା ପିକଅପ ଭ୍ୟାନ ଓଲଟି ପଡ଼ିଥିବା ଦେଖାଯାଇଛି । କୋଇଲା ଗାଡି ଚାନ୍ଦା ନ ଦେବାରୁ କିଛି ଅସାମାଜିକ ଯୁବକ ସେହି ଗାଡ଼ିର ପିଛା କରିଥିଲେ । ଦ୍ରୁତ ଗତିରେ ଗାଡ଼ି ଚାଳନା ଫଳରେ ଡ୍ରାଇଭର ଭାରସାମ୍ୟ ହରାଇଥିଲେ । ଗୋଟିଏ ଗାଡି ଚାନ୍ଦବାଲି ଥାନା ଅଧୀନ ମତୋ ଅଏଲ ଇଣ୍ଡିଆ ଛକ ଓ ଅନ୍ୟ ଏକ ଗାଡି ପାଞ୍ଚପଡ଼ା ନିକଟରେ ଓଲଟି ପଡ଼ିଥିଲା । ଘଟଣାସ୍ଥଳରେ ଚାନ୍ଦବାଲି ଓ ମତୋ ପୁଲିସ ପହଞ୍ଚି ଗାଡିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି ।



ସୂଚନା ଅନୁସାରେ, ପୂର୍ବଭଳି ପୁଣି ଜୋରଦାର ଆରମ୍ଭ କଲେଣି ଚୋରା କୋଇଲା ଚାଲାଣ କାରବାର । ପ୍ରତିଦିନ ରାତିରେ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଚାନ୍ଦବାଲି ଥାନା ଦେଇ ଶହ ଶହ କୋଇଲା ପିକ ଅପ ଭ୍ୟାନ କେନ୍ଦ୍ରାପଡ଼ା ଜିଲ୍ଲାକୁ ଚୋରା ଚାଲାଣ ହେଉଛି । ଅତି ଚତୁରତାର ସହ ପୁଲିସ ଆଖିରେ ଧୂଳି ଦେଇ କୋଇଲା ମାଫିଆମାନେ ଗାଡିଗୁଡ଼ିକୁ କେନ୍ଦ୍ରାପଡ଼ା ଜିଲ୍ଲାକୁ ଚାଲାଣ କରିବାରେ ସଫଳ ହେଉଛନ୍ତି । ଭଦ୍ରକ ଏସପି ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଓକେସିଏଲ୍ ପକ୍ଷରୁ ସଚେତନତା ରଥ

ଦୋବଲ, ୧୮ ।୨(ସମିସ): ଓକେସିଏଲ ପକ୍ଷରୁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବୈଷୟିକ ଶିକ୍ଷା ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ହୋଇଛି । ଭଦ୍ରକ ଜିଲ୍ଲାର ଓକେସିଏଲ ଅଧୀନ ଡ୍ରିମ୍ କଂପ୍ୟୁଟର ଶିକ୍ଷାନୁଷ୍ଠାନ ପକ୍ଷରୁ ଦୋବଲ କାଳୀ ବଜାରଠାରେ ଏହି ସଚେତନତା ରଥ ଶୁଭାରମ୍ଭ ହୋଇଛି । ଦୋବଲ କାଳୀ ବଜାରସ୍ଥିତ ଡ୍ରିମ୍ କଂପ୍ୟୁଟର ଶିକ୍ଷାନୁଷ୍ଠାନର ଏମଡି ନିରଞ୍ଜନ ଦଳାଇଙ୍କ ସଭାପତିତ୍ୱରେ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଶାଖା ପରିଚାଳକ ଗୌରବ ପ୍ରସାଦ ତ୍ରିପାଠୀ, ଶିକ୍ଷାବିତ ହୃଦାନନ୍ଦ କର, ଛବିତା ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ପ୍ରକାଶ ପୃଷ୍ଟି ଅତିଥି ପରିଚୟ ପ୍ରଦାନ ଓ ତନ୍ମୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଦୋବଲ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ସଙ୍ଗୀତା ଦାସ ଓ ହରପ୍ରିୟା ମିଶ୍ର, ପ୍ରିଅଙ୍କା ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଯଶୋଟିକିରି ବଜାରରେ ଏଟିଏମ୍ ସେବା ଆରମ୍ଭ

ବାରିକପୁର, ୧୮ ।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଯଶୋଟିକିରି ବଜାରଠାରେ ହିଟାଚି କମ୍ପାନୀ ପକ୍ଷରୁ ଏକ ଏଟିଏମ୍ ସେବା ଉଦଘାଟିତ ହୋଇଯାଇଛି । କମ୍ପାନୀ ଓ ମହିଳା ଉଦ୍ୟୋଗୀ



ସରୋଜିନୀ ରାଉତଙ୍କ ସହଭାଗିତାରେ ପ୍ରତିଷ୍ଠା ହୋଇଥିବା ଉକ୍ତ ଏଟିଏମ୍ ସେବାକୁ ମୁଖ୍ୟଅତିଥି ପ୍ରାକ୍ତନ ଭଦ୍ରକ ପୌରାଧ୍ୟକ୍ଷ ଇଂ. ପ୍ରୟାସକାନ୍ତି ସାମଲ ଉଦଘାଟନ କରିଥିଲେ । ଯଶୋଟିକିରି ଓ ଆଖୁଆପଦା ଅଞ୍ଚଳ ଏକ ବ୍ୟବସାୟ କେନ୍ଦ୍ର ହୋଇଥିବା ବେଳେ ଜାତୀୟ ରାଜପଥ ପାର୍ଶ୍ୱରେ ଉକ୍ତ ଏଟିଏମ୍‌ଟି ପ୍ରତିଷ୍ଠିତ ହୋଇଛି । ଟଙ୍କା ଉଠାଇବା ଓ ସଞ୍ଚୟ କରିବା ବ୍ୟବସ୍ଥା ଥିବାରୁ ଏଟିଏମ୍‌ଟି ସମସ୍ତଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହେବ ବୋଲି କମ୍ପାନୀ କ୍ଷେତ୍ର ପରିଚାଳକ ସୁଶାନ୍ତ କୁମାର ବେହେରା କହିଥିଲେ । ସମାଜସେବୀ ଶରତଚନ୍ଦ୍ର ଜେନା, ଜିଲ୍ଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ସମିତିସଭ୍ୟ ରାଜେଶ ଜେନା, ବିଶିଷ୍ଟ ଉଦ୍ୟୋଗୀ ବନମାଳି ପୃଷ୍ଟି, ବିରଞ୍ଚି ନାରାୟଣ ରାଉତ, ପ୍ରଦୀପ ସାମଲ ପ୍ରମୁଖ ଯୋଗ ଦେଇଥିଲେ ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ

ବନ୍ତ/ଆଗରପଡ଼ା, ୧୮ ।୨(ସମିସ): ଆଗରପଡ଼ା ନିମଟସ୍ଥ ବାଦା ପଞ୍ଚାୟତ ବରଦା ଗ୍ରାମ ମା'ଭଗବତୀଙ୍କ ମନ୍ଦିର ପ୍ରାଙ୍ଗଣରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି । ପ୍ରାର୍ଥନା ଓ ଉଷା କୀର୍ତ୍ତନ ସହିତ ନଗର ପରିକ୍ରମା ପରେ ଶରତଚନ୍ଦ୍ର ପତିଙ୍କ ସଞ୍ଚାଳନରେ ସତସଙ୍ଗ କାର୍ଯ୍ୟ ଆରମ୍ଭ ହୋଇଥିଲା । ସହଯୋଗ କରିଥିଲେ ଖଇରା ଶ୍ରୀମନ୍ଦିର ସଭାପତି ରବିନାରାୟଣ ମିଶ୍ର । ସୋରରୁ ଅତନୁ ଭାଇ, ଆଗରପଡ଼ାରୁ ଜଇନୁଲ ଆବେଦିନ ଭାଇ, ଯୁବ କର୍ମୀ ସୁରେଶ ମାଝୀ ଭାଇ ଏବଂ ଖଇରା ଶ୍ରୀମନ୍ଦିରରୁ ସଞ୍ଜୀୟ ଭଟ୍ଟରାୟ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସାମିଲ ହୋଇଥିଲେ । ପରେ ସମସ୍ତ ମା' ଓ ଗୁରୁମା'ଙ୍କ ଦ୍ୱାରା ମାତୃ ସମ୍ମିଳନୀକୁ ପବିତ୍ର ସାହୁ ସଞ୍ଚାଳନ କରିଥିଲେ । ଦିବସବ୍ୟାପୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବରଦା ସରପଞ୍ଚ ପରିକ୍ଷୀତ ମହାପାତ୍ର । ଅବସରପ୍ରାପ୍ତ ଶିକ୍ଷକ ଗୁରୁଭାଇ ଚକ୍ରଧର ଜେନା, ପଦ୍ମଲୋଚନ ସେଠୀ, ସୁଦାମ ଚରଣ ସାହୁ, ପରେଶ ବାରିକ, ସତ୍ୟବାନ ତ୍ରିପାଠୀ, ବିମଳ ଜେନା ପ୍ରମୁଖ ସହଯୋଗ କରିଥିଲେ ।

● ଅବହେଳିତ ବ୍ରିଟିଶ ଅମଳର ଥାନା

# ନିୟମିତ ପାଟ୍ରୋଲିଂରେ ବାଧକ ପୁରୁଣା ଭ୍ୟାନ୍

ବାରିକପୁର, ୧୮ ।୨(ସମିସ): ବ୍ରିଟିଶ ଅମଳରୁ ନିର୍ମିତ ହୋଇଥିବା ଭଦ୍ରକ ଜିଲ୍ଲାର ଅନ୍ୟତମ ପ୍ରମୁଖ ଭଣ୍ଡାରିପୋଖରୀ ଥାନାଟି ଭିତ୍ତିଭୂମି ଅଭାବରୁ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛି । ଏକପ୍ରକାର ଥାନାଟି ବିଭିନ୍ନ ଦୃଷ୍ଟିରୁ ଅବହେଳିତ ଥିବା ବେଳେ ବ୍ଲକର ୨୦ଟି ପଞ୍ଚାୟତକୁ ନେଇ ଏହି ଥାନାଞ୍ଚଳ ସୁଦୂର ମଞ୍ଜୁରୀ ରୋଡଠାରୁ ମଣିନାଥପୁର ଓ ବାରିକପୁର ଯାଏଁ ସୀମା ଲାଗିଛି । ଏହାଛଡା ଯାଜପୁର ସହର ସହିତ ପାଣିକୋଇଲି ଓ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ ଏହି ଥାନାଞ୍ଚଳକୁ ସଂଲଗ୍ନ କରୁଛି । ରାତି ପାହିଲେ ଏହି ବାଟଦେଇ ଚୋରା ମଦ ସହିତ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଚାଲାଣ ହେଉଛି । ଅନେକ ଚୋର ଡକାୟତ ମଧ୍ୟ ଯାତାୟାତ କରିଥାନ୍ତି ।

ଥାନା ଅଧୀନରେ ପ୍ରାୟ ୧୪କିମି ଜାତୀୟ ରାଜପଥ ରହିଛି । ପ୍ରତ୍ୟେକ ଦିନ ଚୋର ଡକାୟତଙ୍କୁ ଧରିବା ହେଉ କିମ୍ବା ରାଜପଥରେ ଘଟୁଥିବା ଦୁର୍ଘଟଣାସ୍ଥଳରେ ପହଞ୍ଚିବା ପାଇଁ ପୁଲିସ ପ୍ରଶାସନର ଦାୟିତ୍ୱ ରହିଥାଏ । ଏପରିସ୍ଥଳେ ଥାନାରେ ଥିବା ପୁରୁଣା ଗାଡ଼ିକୁ ଭରସା କରି କର୍ମଚାରୀମାନେ ଠିକ୍ ସମୟରେ ଘଟଣାସ୍ଥଳରେ ପହଞ୍ଚିବା କଷ୍ଟକର ହେଉଛି । ଏପରିକି ନିୟମିତ ପାଟ୍ରୋଲି ପାଇଁ ବାଧକ ସାଜିଛି ଏହି ପୁରୁଣା ଭ୍ୟାନ । ମଧ୍ୟସ୍ଥଳରେ ଥିବା ଥାନାଠାରୁ ମଞ୍ଜୁରୀ ରୋଡ ଅଞ୍ଚଳ ୧୨ କିମି ହୋଇଥିବା ବେଳେ ଅନ୍ୟ ପଟରେ ମଣିନାଥପୁର ଅଞ୍ଚଳ ମଧ୍ୟ ୧୨କିମି ଅଟେ । ଯଦିବା କୌଣସି ଘଟଣା ଦୁର୍ଘଟଣାରେ ଗୋଟିଏ ଅଞ୍ଚଳକୁ ପୁଲିସ ଗାଡ଼ି ଯାଇଥିବ ଠିକ୍ ସେହି ସମୟରେ ଅନ୍ୟ ଅଞ୍ଚଳରେ ଯଦି କୌଣସି ଘଟଣା ଘଟେ ତେବେ ପୁରୁଣା ଗାଡ଼ିକୁ ଭରସା କରି ତତକ୍ଷଣାତ୍ କର୍ମଚାରୀମାନେ ସେଠାରେ ପହଞ୍ଚିବା ସମ୍ଭବ ନୁହେଁ । ଗାଡିଟି ୧୦-୧୫ ବର୍ଷରୁ ଅଧିକ ହେବ ଥାନାରେ ଚାଲୁଛି । ଏହାର ବେଗ ଧିରେଧିରେ କ୍ଷୀଣ ହୋଇଗଲାଣି । ରାସ୍ତାରେ ପୁଲିସ୍ ଭ୍ୟାନ ଯାଉଥିବା ବେଳେ ଏହାର ଶବ୍ଦ ଅତ୍ୟନ୍ତ କର୍ଣ୍ଣକଟୁ ହେଉଛି । ଉକ୍ତ ଗାଡି ସମସ୍ୟାକୁ ଛାଡି ଦେଲେ ଆବଶ୍ୟକ ଗୃହ ନଥିବାରୁ ଆଜି ସୁଦ୍ଧା ସେଇ ପୁରୁଣା ଆଜବେଷ୍ଟସ ଘରେ ଅନେକ ଅଧିକାରୀ ଓ କର୍ମଚାରୀ ଅବସ୍ଥାନ କରୁଛନ୍ତି । ଆଦର୍ଶ ଥାନା ଶୈଳୀରେ ଏହାକୁ ନିର୍ମାଣ ପାଇଁ ଦାବି ହେଉଥିଲେ ସୁଦ୍ଧା ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି । ମୋଟାମୋଟି ଭାବେ ବ୍ରିଟିଶ ଅମଳର ପୁରାତନ ଥାନାଟି ଦୀର୍ଘ ବର୍ଷ ହେବ ଅନେକ ଅସୁବିଧାରେ ଗତି କରୁଛି । ବିଶେଷ କରି ଏବେ ଥାନାକୁ ଏକ ନୂତନ ଭ୍ୟାନ ଯୋଗାଇ ଦେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ତେଣୁ ଏହା ଉପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ବୃଦ୍ଧିଜୀବୀ ମହଲରେ ଦାବି ହୋଇଛି ।

● ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବେଖାତିର

# ୧୧ କେଭି ବିଦ୍ୟୁତ୍ ତାର ତଳେ ଚାଲିଛି ଅଙ୍ଗନବାଡ଼ି ଗୃହ ନିର୍ମାଣ କାର୍ଯ୍ୟ

ଭଦ୍ରକ, ୧୮ ।୨(ସମିସ): ସରକାରୀ ନିୟମ ଅନୁସାରେ ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟ ନିକଟରେ ରହିବ ନାହିଁ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ ତାର । ପୂର୍ବରୁ ଯେଉଁସବୁ ସ୍ଥାନରେ ଏପରି ବିପଦଜନ ଭାବେ ବିଦ୍ୟୁତ ତାର ରହିଥିଲା ତାହାକୁ ହଟାଇ ଦିଆଯାଉଛି; ମାତ୍ର ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଖେରଙ୍ଗ ଗ୍ରାମ ପଞ୍ଚାୟତରେ ।



ସୂଚନା ମୁତାବକ, ଉକ୍ତ ପଞ୍ଚାୟତର ନୂଆଗାଁ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାଲିଛି ଏକ ନୂତନ ଅଙ୍ଗନବାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ । ଯାହା ଉପର ଦେଇ ଯାଇଛି ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ତାର । ସେହି ଗ୍ରାମର ଅନ୍ୟତ୍ର ବହୁ ସରକାରୀ ଜାଗା ଥିବା ବେଳେ କ'ଣ ପାଇଁ ବ୍ଲକ ପ୍ରଶାସନ ଏମିତି ଏକ ବିପଦଜନକ ସ୍ଥାନରେ ଅଙ୍ଗନବାଡି ଗୃହ ନିର୍ମାଣ ପାଇଁ ଅନୁମତି ଦେଲେ ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଦ୍ୟାଳୟର ସଭାପତିଙ୍କ ଅଭିଯୋଗ ଅନୁସାରେ, ଏଠାରେ ଅବସ୍ଥିତ ସରକାରୀ ବିଦ୍ୟାଳୟଟିର ଭିତ୍ତିଭୂମି ଠିକ ନାହିଁ । ଏମିତିକି ୫ଟି ଶ୍ରେଣୀ ପାଇଁ ମାତ୍ର ୨ଟି ଶ୍ରେଣୀ ଗୃହ ଯାହାର ବର୍ଷା ହେଲେ ଛାତରୁ ପାଣି ଝରୁଛି । ଖାଲି ସ୍ଥାନ ଅଭାବରୁ ତିଆରି ହୋଇ ପାରୁନି ବାଳିକାଙ୍କ ପାଇଁ ପୃଥକ ଶୌଚାଳୟ । ଗୋଟିଏ ଶୌଚାଳୟ ବ୍ୟବହାର କରୁଛନ୍ତି ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ । କିଚେନ ଗାର୍ଡେନ ଓ ପିଲାମାନଙ୍କ ଖେଳିବା ପାଇଁ ଟିକେ ସ୍ଥାନ ବି ନାହିଁ । ଏମିତି କି ସାଧାରଣତନ୍ତ୍ର ଦିବସ ବା ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ କରିବା ପାଇଁ ପିଲାମାନଙ୍କୁ ରାସ୍ତା ଉପରେ ଛିଡା ହେବାକୁ ପଡେ ।

ଏପରି ଅସୁବିଧାକୁ ହୃଦୟଙ୍ଗମ କରି ଅଙ୍ଗନବାଡ଼ି ଗୃହକୁ ବିଦ୍ୟାଳୟ ପରିସରରେ ନ କରି ଅନ୍ୟତ୍ର ନିର୍ମାଣ କରିବାକୁ ଦାବିକରି ମାନ୍ୟବର ଉଚ୍ଚ ନ୍ୟାୟାଳୟ କେସ୍ (ଡବ୍ଲୁପିସି ନଂ-୩୨୧୫୧) ରେ ଦ୍ୱାରସ୍ଥ ହୋଇଥିଲେ ଜାଗା ଦାନ କରିଥିବା ଉକ୍ତ ଗ୍ରାମର ନବକିଶୋର ରାଉତଙ୍କ ପରିବାର । ଉଚ୍ଚ ନ୍ୟାୟାଳୟ ଅଙ୍ଗନବାଡି କେନ୍ଦ୍ରକୁ ବିଦ୍ୟାଳୟ ପରିସରରେ ନ କରି ସରକାରୀ ଖାତା ନମ୍ବର ୧୫୨ ଓ ପ୍ଲଟ ନମ୍ବର ୪୧୪ରେ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏହାକୁ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ବେଖାତିର କରି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ଯାହାକୁ ବିରୋଧ କରିଛନ୍ତି ଗ୍ରାମବାସୀ । ବିଦ୍ୟାଳୟଟି ଜାଗା ଅଭାବରୁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବାରୁ ଅଙ୍ଗନବାଡି କେନ୍ଦ୍ରକୁ ବିଦ୍ୟାଳୟ ପରିସରରେ ନିର୍ମାଣ ନ କରି ଅନ୍ୟତ୍ର କରିବାକୁ ଅମରେନ୍ଦ୍ର ନାୟକ, ନାରାୟଣ ନାୟକ, ଭୀମସେନ ରାଉତ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି ।

# ସଟ୍‌ସର୍କିଟରେ ଜଳିଗଲା ୩ ବଖରା ଘର; ମହିଳା ଗୁରୁତର





ଧାମନଗର, ୧୮ ।୨(ସମିସ): ଧାମନଗର ଏନଏସି ୫ନମ୍ବର ୱାର୍ଡ ବାଣୁଆଡି ଆଦିବାସୀ ବସ୍ତିରେ ସଟ୍ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା ଘର । ଘରେ ଶୋଇଥିବା ବେଳେ ଜଣେ ମହିଳା ନିଆଁରେ ପୋଡ଼ି ଗୁରୁତର ହୋଇଛନ୍ତି । ସୋମବାର ରାତିରେ ମାନୁ ମୁଣ୍ଡା ଓ ତାଙ୍କ ପୁଅ, ସ୍ୱାମୀ ଶୋଇଥିବା ଅବସ୍ଥାରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ବାପ ପୁଅ ଘରୁ ବାହାରି ଆସିଥିବା ବେଳେ ମାନୁ ମୁଣ୍ଡା ବାହାରି ନପାରି ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଥିଲେ । ତାଙ୍କୁ ଧାମନଗର ଅଗ୍ନିଶମ ବିଭାଗ ଉଦ୍ଧାର କରି ଧାମନଗର ମେଡିକାଲରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ମହିଳାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭଦ୍ରକରୁ କଟକ ବଡ଼ ମେଡ଼ିକାଲ ସ୍ଥାନତାରିତ କରାଯାଇଛି ବୋଲି ସୂଚନା ମିଳିଛି । ଏପଟେ ଅଗ୍ନିକାଣ୍ଡରେ ତିନି ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି । ଗ୍ରାମବାସୀ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁକୁ ଲିଭାଇଥିଲେ । ମହିଳା ଜଣଙ୍କ କଟକରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ: ଫାଇନାଲରେ ଭଦ୍ରକ ୟୁନିକ୍

ଭଣ୍ଡାରିପୋଖରୀ, ୧୮ ।୨(ସମିସ): ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଭଦ୍ରକ ୟୁନିକ୍ ୧୧ ସହ ବାସୁଦେବପୁର ଉତ୍କଳିକା ଦଳ ମଧ୍ୟରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ଉତ୍କଳିକା ଦଳ ଅଧିନାୟକ ଟସ ଜିଣି ପ୍ରଥମେ ଫିଲ୍ଡିଂ କରିଥିଲେ । ପ୍ରଥମେ ବ୍ୟାଟିଂ ୟୁନିକ୍ ଦଳ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୨୯୦ ରନ ସ୍କୋର କରିଥିଲେ । ବ୍ୟାଟ୍ସମ୍ୟାନ ଅମିତ ସାହୁ ସର୍ବାଧିକ ୭୧ ରନ ଓ ରେହିତ ସିଂ ୬୨ ରନ ହାସଲ କରିଥିଲେ । ବିପକ୍ଷ ବୋଲର ବସନ୍ତ ମହାଲିକ



୩ ଓଭର ବୋଲିଂ କରି ୨୭ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ । ଉତ୍କଳିକା ଦଳ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୨୦୪ ରନ କରି ପରାଜିତ ହୋଇଥିଲା । ଦଳ ପକ୍ଷରୁ ବସନ୍ତ ମହାଲିକ ୮୨ ରନ ସ୍କୋର କରିଥିଲେ । ବିପକ୍ଷ ବୋଲର ଦେବପ୍ରକାଶ ୪ ଓଭର ବୋଲିଂ କରି ୧୮ ରନ ଦେଇ ୨ ଉଇକେଟ ଆସଲ କରିଥିଲେ । ମ୍ୟାନ ଅଫ ଦି ମ୍ୟାନ ବିବେଚିତ ପ୍ରକାଶ ଜେନାଙ୍କୁ ଲଳିତ ରାଉତ ପୁରସ୍କୃତ କରିଥିଲେ । ଶରତ ଜେନା ଓ ରାମଚନ୍ଦ୍ର ଦାଶ ଅମ୍ପାୟାର ଥିଲେ । ସୋମ୍ୟରଞ୍ଜନ ପରିଡ଼ା ସ୍କୋରର, ପ୍ରଦୀପ ଜେନା ଭାଷ୍ୟକାର ଥିଲେ ।

୫ ଦିନିଆ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ଉଦ୍‌ଯାପିତ

# ମନ ମୋହିଲା ମୟୂରଭଞ୍ଜର ଛଉ







● ପଲ୍ଲିଶ୍ରୀ ମେଳାରେ ୧୦ କୋଟି ୮ ୯ ଲକ୍ଷ ଟଙ୍କାର ବ୍ୟବସାୟ
● ସର୍ବୋତ୍ତମ ଷ୍ଟଲ, ସର୍ବାଧିକ ବିକ୍ରେତା ଓ ସର୍ବୋତ୍କୃଷ୍ଟ ଅଭିନବ ଉତ୍ପାଦକ ପୁରସ୍କୃତ

ଭଦ୍ରକ, ୧୮ ।୨(ସମିସ)

ଫେବୃୟାରୀ ୧୩ ତାରିଖରୁ ନେହରୁ ଷ୍ଟାଡିୟମରେ ପଲ୍ଲିଶ୍ରୀ ମେଳା ଓ କୃଷି ଯନ୍ତ୍ରପାତି ମେଳାକୁ ନେଇ ଚାଲିଥିବା ୫ ଦିନିଆ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଭଦ୍ରକ ଏସ୍‌ପି ମାଡ଼କର ସନ୍ଦୀପ ସମ୍ପତ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ସରୋଜ ଦତ୍ତ ଭଦ୍ରାୟଣୀର ସଫଳ ଭେଟି ଏବଂ ଆଗାମୀ ବର୍ଷରେ ଭଦ୍ରାୟଣୀର କଳେବର ଆହୁରି ଅଧିକ ଆକର୍ଷଣୀୟ ହେଉ ବୋଲି ପ୍ରକାଶ କରିଥିଲେ । ସହରବାସୀ ଏକ ଉତ୍ସବ ମୁଖର ପରିବେଶରେ ବିଭିନ୍ନ ଦ୍ରବ୍ୟ କ୍ରୟ କରିବା ସହ ସନ୍ଧ୍ୟାରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ । ସମୁଦାୟ ୨୪୦ଟି ଷ୍ଟଲ ମଧ୍ୟରୁ ୯୦ଟିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଓରମାସ ପ୍ରାୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଗ୍ରାମୀଣ ଉଦ୍ୟୋଗ ପାର୍କ, ପ୍ରଡ୍ୟୁସର ଏଣ୍ଟରପ୍ରାଇଜ୍ ଓ କାରିଗରମାନେ ଭାଗ ନେଇଥିଲେ । ଭଦ୍ରକ ଜିଲ୍ଲାର ୭ଟି ବ୍ଲକରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଭାଗ ନେଇଥିଲେ । ୧୦ଟି ଷ୍ଟଲରେ ରାଜ୍ୟ ବାହାରର କାରିଗରମାନେ ଭାଗ ନେଇଥିଲେ । ଯେଉଁଥିରେ କି ବାଉଁଶ କାରିଗର, ବନାରସୀ ଶାଢ଼ି, ପିତ୍ତଳ ଦ୍ରବ୍ୟ, ଡ୍ରେସ, କାଠକାମ, ଧୂପ, ବେଡ଼ସିଟ୍, ବିଭିନ୍ନ ଜୁଏଲାରୀ ଆଦି କରିଗର ଭାଗ ନେଇଥିଲେ । ଏକ ଥିମ୍ ଷ୍ଟଲରେ ହସ୍ତତନ୍ତର ଲାଇଭ୍ ଡ଼େମୋନଷ୍ଟ୍ରେସନ୍ ହେଉଥିଲା । ୬ଟି ଷ୍ଟଲରେ ସେବା ସଂସ୍ଥା ଥିଲେ, ୨୧ଟି ଷ୍ଟଲରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରିବା ପାଇଁ ବିଭିନ୍ନ ବିଭାଗମାନେ ଅଂଶଗ୍ରହଣ କରିଥିଲେ । ୩ଟି ଷ୍ଟଲରେ ବ୍ୟାଙ୍କ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ୩୫ଟି ଷ୍ଟଲ, କୃଷି ବିଭାଗର ୪୦ଟି ଷ୍ଟଲ, ଖାଦ୍ୟ ନିମନ୍ତେ ୩୫ଟି ଷ୍ଟଲ ଖୋଲା ଯାଇଥିଲା । ଉକ୍ତ ମହୋତ୍ସବରେ ଜିଲ୍ଲାର ଅଂଶଗ୍ରହଣ କରିଥିବା ସମସ୍ତ ବିଭାଗ ମଧ୍ୟରୁ ସର୍ବୋତ୍ତମ ପ୍ରଦର୍ଶନ ନିମନ୍ତେ ଜିଲ୍ଲା ଉଦ୍ୟାନ, କୃଷି, ସର୍ବାଧିକ ବିକ୍ରୟ ବିଭାଗ, କୃଷି ଓ ଉତ୍ପାଦ ନିର୍ଦ୍ଦେଶାଳୟ, ଭଦ୍ରକ, ସର୍ବୋତ୍ତମ ଅଭିନବ ଉତ୍ପାଦକ ନିମନ୍ତେ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗକୁ ପୁରସ୍କୃତ କରାଯାଇଥିଲା । ସର୍ବୋତ୍ତମ ପ୍ରଦର୍ଶନ ନିମନ୍ତେ ଗ୍ରାମୀଣ ଉଦ୍ୟୋଗ ପାର୍କ, ନର୍ସରୀ ଲାଇଭ, ଯାଜପୁର, ସର୍ବାଧିକ ବିକ୍ରେତା ଭାବେ ଜୟହନୁମାନ ଉତ୍ପାଦକ ଗୋଷ୍ଠୀ, ସୁବର୍ଣ୍ଣପୁର, ସର୍ବୋତ୍ତମ ଉତ୍ପାଦ ପାଇଁ ମା' ଭବାନୀ ଶୁଖୁଆ ଉତ୍ପାଦକ ଗୋଷ୍ଠୀ, ଚାନ୍ଦବାଲି, ଭଦ୍ରକ ଓ ସର୍ବଶ୍ରେଷ୍ଠ ଉଦ୍ୟୋଗୀ ଭାବେ କେସିଏସ୍ ପାୱାର (ଶ୍ୟାମ ନୀମ୍‌କିନ୍) ସୁରଜ ସାହୁ, ଅସୁରାଳିକୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଏହି ମେଳାରେ ୧୦ କୋଟି ୮ ୯ ଲକ୍ଷ ୭ ହଜାର ୮ରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିଲା ଯାହାକି ବିଗତ ବର୍ଷ ପଲ୍ଲିଶ୍ରୀ ମେଳାରେ ବ୍ୟବସାୟର ଦୁଇଗୁଣ । ଭଦ୍ରାୟଣୀ ମଞ୍ଚରେ ପ୍ରତିଦିନର ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ଆନୁଷଙ୍ଗିକ ଦାୟିତ୍ୱ ନିର୍ବାହ କରିଥିବା ଡ଼େପୁଟୀ କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ଉଦ୍‌ଘୋଷିକା କାଦମ୍ବରୀ କରଶର୍ମା, ସଙ୍ଗୀତ ଗୁରୁ ରାମନାରାୟଣ ମହାନ୍ତି, ଉଦ୍‌ଘୋଷକ ହାସ୍ୟକଳାକାର ସେକ୍ ନିଜାମ ମହମ୍ମଦ ଏବଂ ପଲ୍ଲିଶ୍ରୀ ମେଳାର ସଂଯୋଜିକା ଓରମାସ୍‌ର ଉପମୁଖ୍ୟ କାର୍ଯ୍ୟକାରୀ ଅଧିକାରିଣୀ ଭଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖଙ୍କ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଭଦ୍ରାୟଣୀ ଆୟୋଜନରେ ପ୍ରମୁଖ ସେବା ପ୍ରଦାନକାରୀ ବିଭାଗୀୟ ଅଧିକାରୀ ଓ ତାଙ୍କ ଦଳ ହିସାବରେ ଭଦ୍ରକ ପୌରପାଳିକା, ଅଗ୍ନିଶମ ବିଭାଗ, ବିଦ୍ୟୁତ, ଜନସ୍ୱାସ୍ଥ୍ୟ, ପୂର୍ତ୍ତ ବିଭାଗକୁ ମଧ୍ୟ ଟ୍ରଫି ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ହସ୍ତଶିଳ୍ପ ପ୍ରଦର୍ଶନରେ ସାମୂହିକ ଶଙ୍ଖ କାର୍ଯ୍ୟ ପାଇଁ ଶ୍ରୀଧର ଖିଲାର, ଟେରାକୋଟା ପାଇଁ ନିରୂପମା ସାହୁ, କ୍ଲେ ଆର୍ଟ ପାଇଁ ସୁରେନ୍ଦ୍ର ସାହୁ ଏବଂ ବାଲୁକା କଳା ପାଇଁ ଶିଳ୍ପୀ ଜୟନ୍ତ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା । ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି, ଡିଆଇବି ଅଂଶୁମାନ ଦ୍ୱିବେଦୀ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ପ୍ରମୁଖ ଏସବୁ ପୁରସ୍କାର ବଣ୍ଟନ କରିଥିଲେ ।

ମୟୂରଭଞ୍ଜରୁ ଆସିଥିବା ପ୍ରୋଜେକ୍ଟ ଛାଉଣୀ ଛଉଦଳ ଦ୍ୱାରା ଆକର୍ଷଣୀୟ ଯୁଦ୍ଧ ନୃତ୍ୟ, ଚାନ୍ଦବାଲି ବ୍ଲକ କଳା ସଂସ୍କୃତି ସଂଘ ଆନୁକୂଲ୍ୟରେ ନିଆରା ଲୋକକଳା ଢ଼ୋଲକବାଦ୍ୟ ଏବଂ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଖୁବ୍ ଉଚ୍ଚକୋଟୀର ନୃତ୍ୟ, ସଙ୍ଗୀତ, ଲୋକକଳା, ପିରାମିଡ, ଟାଇକ୍ୱୋଣ୍ଡୋ ଆଦି ପ୍ରଦର୍ଶନ ଭରପୂର ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।

